୬ ହାର ମାନିଲା ଆଫଗାନିସ୍ତାନ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

E-mail : sambadkalikanews@gmail.com

# ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୫ ● ୧୨ ଫେବୃଆରୀ ୨୦୨୬, ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-15 ● 12th February 2026, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ରାଜ୍ୟ ମହିଳା ଆୟୋଗର ୩୩ତମ ପ୍ରତିଷ୍ଠା ଦିବସ ପାଳିତ

# ରାଜ୍ୟ ସରକାର ମହିଳା-ନେତୃତ୍ୱାଧୀନ ବିକାଶ ଆଦର୍ଶରେ ବିଶ୍ୱାସ କରନ୍ତି

ଭୁବନେଶ୍ୱର, ୧୧।୨

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନଭେନସନ ସେଣ୍ଟରଠାରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୩୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦଘାଟନ କରିଥିଲେ।

ଏହି ଅବସରରେ ପରିବାର କଲ୍ୟାଣ, ସ୍ୱାସ୍ଥ୍ୟ ସଂସଦୀୟ ବ୍ୟାପାର ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଓ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶୋଭନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀଙ୍କ କରକମଳରେ ଆୟୋଗର ବାର୍ଷିକ ରିପୋର୍ଟ, ନ୍ୟୁଜଲେଟର 'ବିଜୟିନୀ', ପାସପୋର୍ଟ ଟୁ ଓମେନ ଏମପାୱାରମେଣ୍ଟ' ଏବଂ ନୂତନ ୱେବସାଇଟ୍ ଉନ୍ମୋଚିତ ହୋଇଥିଲା। ଏହା ସହିତ ସଫଳ ମିଳନ ହୋଇଥିବା ଦମ୍ପତିଙ୍କୁ ନେଇ ଏକ ସଂକଳନ 'ପୁନର୍ମିଳନ' ମଧ୍ୟ ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଏହି ଅବସରରେ ଅଭିଭାଷଣ ପ୍ରଦାନ କରି କହିଥିଲେ ଯେ ରାଜ୍ୟ ସରକାର କେବଳ ମହିଳା ବିକାଶ ନୁହେଁ, ବରଂ 'ମହିଳା-ନେତୃତ୍ୱାଧୀନ ବିକାଶ' ଆଦର୍ଶରେ ବିଶ୍ୱାସ କରନ୍ତି। ମହିଳାଙ୍କ ବିରୋଧରେ ହେଉଥିବା ହିଂସା, ଅପରାଧ (ପୃଷ୍ଠା ୭ରେ)

# ଦୀନଦୟାଲଙ୍କ ଏକାତ୍ମମାନବବାଦ ଗରିବଙ୍କ ଉତ୍ଥାନ ପାଇଁ ସର୍ବଶ୍ରେଷ୍ଠ ମଡେଲ

ଭୁବନେଶ୍ୱର, ୧୧।୨

ନ୍ୟୁଜ୍ ବ୍ୟୁରୋ

ରାଷ୍ଟ୍ର ସେବା ପାଇଁ ସମର୍ପିତ ଥିବା ଭାରତୀୟ ଜନସଂଘର ସହ ସଂସ୍ଥାପକ ତଥା ପ୍ରଥମ ସଂଗଠନ ସଂପାଦକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ବୁଧବାର ହେଉଛି ୫୮ତମ ପୁଣ୍ୟତିଥି । ଆଜିର ଦିନକୁ ଭାରତୀୟ ଜନତା ପାର୍ଟି ତରଫରୁ ସମଗ୍ର ଦେଶରେ ସମର୍ପଣ ଦିବସ ଭାବେ ପାଳନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି ।



ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମହାନ ଚିନ୍ତାନାୟକ ତଥା ଏକାତ୍ମମାନବବାଦର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ 'ସମର୍ପଣ ଦିବସ -୨୦୨୬' କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଉତ୍ତରପ୍ରଦେଶର ମଥୁରାରୁ ୨୫ କିଲୋମିଟର ଦୂର ନଗହୀଚନ୍ଦ୍ରଭାନ୍ ଗ୍ରାମରେ ୧୯୧୬ ମସିହା ସେପ୍ଟେମ୍ବର ୨୫ ତାରିଖରେ ଜନ୍ମଗ୍ରହଣ କରିଥିବା ପଣ୍ଡିତ ଦୀନଦୟାଲ ନିଜେ ସାରା ଜୀବନକୁ ରାଷ୍ଟ୍ର ସେବା ପାଇଁ ସମର୍ପିତ କରିଦେଇଥିଲେ । ଆର୍ଥିକ ଅନଗ୍ରସର ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ପାଇଁ ପଣ୍ଡିତ ଦୀନଦୟାଲ କାର୍ଯ୍ୟ କରୁଥିଲେ । ଗରୀବ କଲ୍ୟାଣ ମୂଳକ କାର୍ଯ୍ୟର ସଫଳ ରୂପାୟନ କରିବା ପଛରେ ପଣ୍ଡିତ ଦୀନଦୟାଲଙ୍କ ଦର୍ଶନ ଶାସ୍ତ୍ର ହିଁ ମୂଳ ଆଧାର । ପଣ୍ଡିତ ଦୀନଦୟାଲଙ୍କ ଏକାତ୍ମମାନବବାଦ ଦର୍ଶନ ଏବଂ ସମାଜର ଶେଷ ବ୍ୟକ୍ତିର ଉତ୍ଥାନ ଅନ୍ତ୍ୟୋଦୟ ବିଚାରଧାରାକୁ ପ୍ରୋତ୍ସାହିତ କରିବା ଥିଲା ତାଙ୍କ ମହତ ଉଦ୍ଦେଶ୍ୟ । ସ୍ୱଦେଶୀ ଭାବନା ଓ ଭାରତୀୟ ସଂସ୍କୃତି ଆଧାରିତ ରାଷ୍ଟ୍ରଚିନ୍ତନକୁ ଦୃଢ ଓ ତଥ୍ୟ ପୂର୍ଣ୍ଣ ଅର୍ଥରେ ପରିପ୍ରକାଶ କରି ଏହାର ମହାନତାକୁ ସାବ୍ୟସ୍ତ କରିବା ହେଲା ଏକାତ୍ମମାନବବାଦର ମୂଳ ଲକ୍ଷ୍ୟ । ଭାରତୀୟ ଜନସଂଘର ନୀତି ଓ ସିଦ୍ଧାନ୍ତ ଉପସ୍ଥାପନା କରିବାକୁ ଯାଇ ପଣ୍ଡିତ ଦୀନଦୟାଲ ଏକାତ୍ମମାନବବାଦ ଦର୍ଶନ ପ୍ରସ୍ତୁତ କରିଥିଲେ। ଦୀନଦୟାଲଙ୍କ ଏକାତ୍ମମାନବବାଦ ଗରିବଙ୍କ ଉତ୍ଥାନ ପାଇଁ ସର୍ବଶ୍ରେଷ୍ଠ ମଡେଲ । ଅନ୍ତ୍ୟୋଦୟ ଦର୍ଶନର ପରିକଳ୍ପନା ଓ ପ୍ରଣୟନ ପଣ୍ଡିତ ଦୀନଦୟାଲଙ୍କ ଏକ ଅଭୂତପୂର୍ବ ସଫଳତା । ସମାଜର (ପୃଷ୍ଠା ୭ରେ)

## ଆଇଏଏସ୍ ସ୍ତରରେ ଅଦଳବଦଳ ରଶ୍ମିତା ପଣ୍ଡା ହେଲେ ଏମ୍‌ଏସ୍‌ଏମ୍‌ଇ ସଚିବ

ଭୁବନେଶ୍ୱର, ୧୧।୨

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ସଚିବ ସ୍ତରରେ ଅଦଳବଦଳ କରିଛନ୍ତି । ଅନେକ ଅଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦିଆଯାଇଛି । ଭୂପେନ୍ଦ୍ର ସିଂ ପୁନିଆଙ୍କୁ କ୍ରୀଡ଼ା ଓ ଯୁବ ସେବା ବିଭାଗ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସେହିପରି ରଶ୍ମିତା ପଣ୍ଡାଙ୍କୁ ଏମ୍‌ଏସ୍‌ଏମ୍‌ଇ ବିଭାଗର ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସୁରେନ୍ଦ୍ର ମାନୀଙ୍କୁ ଏମ୍‌ଏସ୍‌ଏମ୍‌ଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି । ଅବୋଲି ସୁନୀଲ ନରୱାଣେଙ୍କୁ ଇପିକଲ୍ ଏମଡି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ଦୁର୍ଘଟଣାରେ ୬ ମୃତ

ଦୌସାରେ, ୧୧।୨

ରାଜସ୍ଥାନର ଦୌସାରେ ଠାରେ ହୃଦୟ ବିଦାରକ ଘଟଣା ଘଟିଛି। ଜାତୀୟ ରାଜପଥ-୨୧ ରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୬ ଜଣ ଯୁବକଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ବିଳମ୍ବିତ ରାତିରେ କୈଲାଇ ବସଷ୍ଟାଣ୍ଡ ନିକଟରେ ସଡକ (ପୃଷ୍ଠା ୭ରେ)

# ଏସ୍‌ଆଇଆର ମ୍ୟାପିଂ ଶତ ପ୍ରତିଶତ କରିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୧।୨

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ବିଧାନସଭା କ୍ଷେତ୍ର-ଏକାମ୍ର, ଉତ୍ତର, ମଧ୍ୟ ଓ ଜଟଣୀ ବିଧାନସଭା କ୍ଷେତ୍ରର ବୁଥ୍ ସ୍ତରୀୟ ଅଧିକାରୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ବୁଧବାର ବିଏମ୍‌ସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ ଅଧ୍ୟକ୍ଷତା କରି ଭୋଟର ତାଲିକା ସଂଶୋଧନ, ନୂତନ ଭୋଟର ନାମ ଯୋଡ଼ା, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବିଲୋପ, ତଥ୍ୟ ସତ୍ୟାପନ ଓ ଘରେ-ଘରେ ଯାଞ୍ଚ କାର୍ଯ୍ୟ, ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ବୁଥ୍ ସ୍ତରୀୟ ଅଧିକାରୀ, ସୁପରଭାଇଜରମାନଙ୍କୁ ଅବଗତ କରାଇଥିଲେ।



ଘର ଘର ବୁଲି ଭୋଟର ମାନଙ୍କ ତଥ୍ୟ ଯାଞ୍ଚ କରି ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ମ୍ୟାପିଂ ଶତ ପ୍ରତିଶତ କରିବା ଉପରେ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର ଗୁରୁତ୍ୱାରୋପ କରିଥିଲେ। ପ୍ରତିଦିନ ବୁଥ ସ୍ତରରୁ ସମୀକ୍ଷା କରି ନିର୍ବାଚନ ପଞ୍ଜିକରଣ ଅଧିକାରୀ ଓ ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀମାନଙ୍କୁ ଅଗ୍ରଗତି ରିପୋର୍ଟ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ ।ଯେଉଁ ବୁଥ ସ୍ତରରେ କମ ପ୍ରତିଶତ ମ୍ୟାପିଂ ହୋଇଛି ସେ ଅଞ୍ଚଳରେ କିପରି ଶତପ୍ରତିଶତ ହୋଇପାରିବ ସେ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବିଏଲଓ ଓ ସୁପରଭାଇଜରମାନଙ୍କୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ଏକ କ୍ୟାମ୍ପ କରି ଆଶା ଏବଂ କର୍ପୋରେଟରମାନଙ୍କ ଦ୍ୱାରା ଲୋକମାନଙ୍କୁ ସଚେତନତା କରି ସେମାନଙ୍କ ମ୍ୟାପିଂ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ (ପୃଷ୍ଠା ୭ରେ)

# ୧୦ ଟ୍ରେଡ୍ ୟୁନିୟନ ଡାକରାରେ ଆଜି ଭାରତ ବନ୍ଦ

## ବିଜେଡ଼ି, କଂଗ୍ରେସ ଓ ବାମଦଳର ସମର୍ଥନ

ଭୁବନେଶ୍ୱର, ୧୧।୨

ନ୍ୟୁଜ୍ ବ୍ୟୁରୋ

୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ପକ୍ଷରୁ ଗୁରୁବାର (୧୨ ତାରିଖ) ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏଁ ୧୨ ଘଣ୍ଟିଆ ଦେଶବ୍ୟାପୀ ହରତାଳ ଓ ଧର୍ମଘଟ ଡାକରା ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଶ୍ରମ ନୀତି, କୃଷକ ବିରୋଧୀ ନୀତି, ଶ୍ରମିକ-କର୍ମଚାରୀ ବିରୋଧୀ ନୀତି ବ୍ୟାଙ୍କ, ବୀମା ଓ କର୍ପୋରେଟର ସେକ୍ଟର ନୀତି ଆଦି ବିରୋଧରେ ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସଂଗଠନର ମିଳିତ ମଞ୍ଚ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିବା ବେଳେ ଓଡ଼ିଶାରେ ବିଜେଡ଼ି ଶ୍ରମିକ ସାମୁଖ୍ୟ, କଂଗ୍ରେସ ଓ ବାମଦଳ ଏହାକୁ ସମର୍ଥନ ଜଣାଇଛନ୍ତି। ପ୍ରସ୍ତାବିତ ଭାରତ ବନ୍ଦକୁ ଦୃଷ୍ଟିରେ ରଖି ରାଜ୍ୟସରକାଙ୍କ ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବିଶେଷ କରି ରାଜ୍ୟ ସଚିବାଳୟ, ବିଧାନସଭା, ବିଭିନ୍ନ ସରକାରୀ ଦପ୍ତର ଚର୍ତୁପାର୍ଶ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମୁଖ୍ୟ ରାସ୍ତା ଓ ଛକ ମାନଙ୍କରେ ସଶସ୍ତ୍ର ପୋଲିସ୍ ବାହିନୀ ମୁତୟନ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିବାରୁ ଗୁରୁବାର ଦୋକାନ ବଜାର, ପେଟ୍ରୋଲ ପମ୍ପ, ସ୍କୁଲ ଓ କଲେଜବନ୍ଦ ହୋଇପାରେ।



ସରକାରୀ ଦପ୍ତରକୁ ବନ୍ଦ କରିବା ପାଇଁ ମଧ୍ୟ ଶ୍ରମିକ ସଂଗଠନ ପକ୍ଷରୁ ଉଦ୍ୟମ କରାଯାଇପାରେ। ଏହାକୁ ଦୃଷ୍ଟିରେ ରଖି ପୋଲିସ୍ ମୁତୟନ ବ୍ୟବସ୍ଥା କଡାକଡି କରାଯାଇଛି। ବିକ୍ଷୋଭକାରୀ ଯାନବାହନ ଚଳାଚଳ ବନ୍ଦ କରିବା ପାଇଁ ବିଭିନ୍ନ ସ୍ଥାନରେ ଏକାଠି ହେବାର ସମ୍ଭାବନା ଥିବାରୁ ତାହାକୁ ଏଡାଇବା ପାଇଁ ମଧ୍ୟ ପୋଲିସ୍ ବ୍ୟବସ୍ଥା କରାଯାଇଛି। ତେବେ ବନ୍ଦ ପାଳନ ବେଳେ କେବଳ ଜରୁରୀ ସ୍ୱାସ୍ଥ୍ୟସେବା ଓ ଆମ୍ବୁଲାନ୍ସ ସେବା ଜାରୀ ରହିବ ବୋଲି କୁହାଯାଇଛି। ଭାରତୀୟ ମଜଦୁର ସଂଘର ରାଜ୍ୟ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ସିପିଆଇ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର, ସିପିଆଇଏମ୍ ନେତା ସୁରେଶ ପାଣିଗ୍ରାହୀ, ବିଜେଡ଼ି ଶ୍ରମିକ ସାମୁଖ୍ୟ ନେତା ପ୍ରଫୁଲ ସାମଲ ଭାରତ ବନ୍ଦ ସମ୍ପର୍କରେ ସୂଚନା ଦେଇଛନ୍ତି।

## ଆଜିର ମୁଖ୍ୟ ଖବର

- ପୁରୀ ସମୁଦ୍ର ତଟରେ ଡଲଫିନ୍ ଦୃଶ୍ୟମାନ ହେଲା। ପର୍ଯ୍ୟଟକମାନଙ୍କ ପାଇଁ ସାଜିଲା ଆକର୍ଷଣ।
- ସୋନପୁର ଗୋଷ୍ଠୀ ସଂଘର୍ଷରେ ଜଣେ ମୃତ, ଦୁଇ ଗୁରୁତର।
- ବୌଦ୍ଧରେ ବିସ୍ଫୋରକ ଭୟଦେଖାଇ ପରିବାରକୁ ଲୁଟ୍।
- ବାଲେଶ୍ୱର ଜାତୀୟ ରାଜପଥରେ ଦୁର୍ଘଟଣା, ପାଞ୍ଚ ଆହତ।
- ଠକେଇ ମାମଲାରେ କଟକରୁ ତିନିଜଣ ଗିରଫ।
- ଗଞ୍ଜାମରେ ସାଂସ୍କୃତିକ ଚିତ୍ରକଳା ସୃଷ୍ଟିରେ ପରମ୍ପରାର ପ୍ରତିଫଳନ।
- ଉଚ୍ଚ ନ୍ୟାୟଳୟରେ ଶିକ୍ଷା ପରିଷଦ ଖାଲି ପଦ ନେଇ ସରକାରଙ୍କୁ ପ୍ରଶ୍ନ।
- ସଂସଦ ଅଧିବେଶନରେ ତୀବ୍ର ରାଜନୈତିକ ଚର୍ଚ୍ଚା ଜାରି।

# ସାଇବର ଠକେଇ ରୋକିବା ପାଇଁ ଓଡ଼ିଶା ପୋଲିସ୍‌ର ବ୍ୟାପକ ପ୍ରସ୍ତୁତି

କଟକ, ୧୧।୨

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ବୃଦ୍ଧି ପାଉଥିବା ସାଇବର ଠକେଇ ଏବଂ ଅର୍ଥନୈତିକ ଅପରାଧକୁ ରୋକିବା ପାଇଁ ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏ ନେଇ ବୁଧବାର ରାଜ୍ୟ ପୋଲିସ ମୁଖ୍ୟାଳୟରେ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜିପି (କ୍ରାଇମବ୍ରାଞ୍ଚ) ସଫିନ ଅହମ୍ମଦ କେ., ଆଇଜିପି (ଟ୍ରେନିଂ, ବିପିଏସପିଏ) ଅନୁପ କୁମାର ସାହୁ, ଆଇଜିପି (କ୍ରାଇମବ୍ରାଞ୍ଚ) ସାର୍ଥକ ଷଡ଼ଙ୍ଗୀଙ୍କ ସମେତ ସମସ୍ତ ରେଞ୍ଜ ଆଇଜି, ଡିଆଇଜି ଓ ଜିଲ୍ଲା ଏସପିମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। (ପୃଷ୍ଠା ୭ରେ)

# ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଶେଷାଧିକାର ଉଲ୍ଲଂଘନର ନୋଟିସ୍ ଦେବ ବିଜେପି

ନୂଆଦିଲ୍ଲୀ, ୧୧।୨

କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ବୁଧବାର ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ କଥିତ ଏପଷ୍ଟିନ ଫାଇଲ୍ସକୁ ନେଇ ଲଗାଯାଇଥିବା ଅଭିଯୋଗକୁ ନିରାଧାର ଦର୍ଶାଇଛନ୍ତି। ରିଜିଜୁ କହିଛନ୍ତି ଯେ ବଜେଟ୍ ଉପରେ ଚର୍ଚ୍ଚାରେ ରାହୁଲ ବିନା କୌଣସି ତର୍କ, ପ୍ରମାଣ ବା ପୂର୍ବ ସୂଚନା ଅଭିଯୋଗ ଆଣିଛନ୍ତି। ଏଥିପାଇଁ ବିଜେପି ସଂସଦୀୟ ଦଳ ଲୋକସଭା ଅଧ୍ୟକ୍ଷଙ୍କୁ ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଶେଷାଧିକାର ଉଲ୍ଲଂଘନର ନୋଟିସ୍ ଦେବ।



କେନ୍ଦ୍ରମନ୍ତ୍ରୀ ରିଜିଜୁ ବୁଧବାର ସଂସଦ ପରିସରରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ରାହୁଲଙ୍କ ପୂରା ଭାଷଣରେ ଯାହା ବି ଭୁଲ୍ କଥା କୁହାଯାଇଛି, ତାକୁ ରେକର୍ଡ଼ରୁ ହଟାଯିବା ଦରକାର। ଏହାସହ ଯେଉଁ ଶବ୍ଦର ପ୍ରୟୋଗ ଅସଂସଦୀୟ ଏବଂ ଯାହା (ପୃଷ୍ଠା ୭ରେ)

# ବନ୍ଦେ ମାତରମ୍ ଗାନ ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୧୧।୨

ବନ୍ଦେ ମାତରମ୍ ରଚନାର ୧୫୦ ବର୍ଷ ପୂରଣ ଅବସରରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏକ ଐତିହାସିକ ନିଷ୍ପତ୍ତି ଗ୍ରହଣ କରାଯାଇ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି ହୋଇଛି। ଭାରତ ସରକାର ଜାତୀୟ ସଙ୍ଗୀତ ବନ୍ଦେ ମାତରମ୍ ପ୍ରତି ସମ୍ମାନ ଓ ଏହାର ପହଞ୍ଚ ବୃଦ୍ଧି କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି ନୂତନ ନିର୍ଦ୍ଦେଶାବଳୀ (ପୃଷ୍ଠା ୭ରେ)

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ୍ | ୧୫,୮୫୧ (-୨୭) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ୍ | ୧୪,୫୩୦ (-୨୫) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ୍ | ୧୧,୮୮୯ (-୨୦) |

## ରୁପା ଦର

ରୂପା – ପ୍ରତି ଗ୍ରାମ୍ ୩୦୦ (+୦)

# ମାଓମୁକ୍ତ ଗନ୍ଧମାର୍ଦ୍ଦନ ରଣନୀତି



ବରଗଡ, ୧୧।୨

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଗନ୍ଧମାର୍ଦ୍ଦନକୁ ମାଓବାଦୀମୁକ୍ତ କରାଯିବା ପାଇଁ ସମସ୍ତ ରଣନୀତି ପ୍ରସ୍ତୁତ ହୋଇ ସାରିଛି। ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଏହି ସୂଚନା ଦେଇଛନ୍ତି।

ବୁଧବାର ବରଗଡ଼ ଜିଲ୍ଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରାଜ୍ୟରେ ମାଓବାଦୀ ସମସ୍ୟାର ସମାଧାନ ପାଇଁ ଗୁରୁ ଦାୟିତ୍ୱ ରହିଛି। ଏହାକୁ ଗୁରୁତ୍ୱର ସହିତ ନେଇ ରାଜ୍ୟ ପୋଲିସ୍ କାମ କରୁଛି। ଇତିମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଶେଷ ସଫଳତା ମିଳିଛି। ବର୍ତ୍ତମାନ ମାଓବାଦୀଙ୍କ କାର୍ଯ୍ୟକଳାପ କେବଳ ୨ ଅଞ୍ଚଳରେ ନେଇ ସୀମିତ ରହିଛି। ଗୋଟିଏ ହେଉଛି କନ୍ଧମାଳ, ରାୟଗଡ଼ା ଓ କଳାହାଣ୍ଡିର ତ୍ରିକୋଣୀୟ ସଂଯୋଗ ସ୍ଥଳ ଏବଂ ଦ୍ୱିତୀୟଟି ହେଉଛି ବରଗଡ଼ ଜିଲ୍ଲାର ଗନ୍ଧମାର୍ଦ୍ଦନ ପାହାଡ଼। ସେଠାରେ କିଛି ସଂଖ୍ୟକ ମାଓବାଦୀ ରହିଛନ୍ତି। ବିଗତ ଦିନରେ ଅନେକ ମାଓବଦୀ ଆତ୍ମସମର୍ପଣ କରିଛନ୍ତି। ଗତ ଡିସେମ୍ବର ମାସରେ ମାଓବାଦୀ ସଂଗଠନର ରାଜ୍ୟ (ପୃଷ୍ଠା ୭ରେ)

# ଓଡିଶାରୁ ୨୭% ଗଞ୍ଜେଇ ଜବତ

ନୂଆଦିଲ୍ଲୀ, ୧୧।୨

ସଂସଦରେ ଉପସ୍ଥାପିତ ସରକାରୀ ତଥ୍ୟ ଅନୁଯାୟୀ ୨୦୨୦ରୁ ୨୦୨୫ ମଧ୍ୟରେ ନିଶା ଆଇନ ପ୍ରବର୍ତ୍ତନ ଏଜେନ୍ସି ଦେଶରୁ ପ୍ରାୟ ୩୯ ଲକ୍ଷ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିବା ବେଳେ କେବଳ ଓଡ଼ିଶାରୁ ସର୍ବାଧିକ ୨୭ ପ୍ରତିଶତରୁ ଅଧିକ ଗଞ୍ଜେଇ ଜବତ ହୋଇଛି।

ଗୃହ ମନ୍ତ୍ରଣାଳୟ ଗତ ସପ୍ତାହରେ ଲୋକସଭାରେ ଦେଶରେ ଜବତ ହୋଇଥିବା ଗଞ୍ଜେଇ ଜବତ ସମ୍ବନ୍ଧୀୟ ଏକ ଲିଖିତ ଉତ୍ତର ରଖିଥିଲା। ଏହି ଉତ୍ତର ଅନୁସାରେ ୨୦୨୦ରୁ ନଭେମ୍ବର ୨୦୨୫ ମଧ୍ୟରେ ଦେଶରୁ ୩୮.୮୯ ଲକ୍ଷ କିଲୋଗ୍ରାମ ଗଞ୍ଜେଇ ଓ ଗଞ୍ଜେଇ ଆଧାରିତ ଔଷଧ(ହାସିସ୍) ଜବତ କରାଯାଇଛି। ଏଥିରୁ କେବଳ ଓଡ଼ିଶାରୁ ୨୭% ଜବତ ହୋଇଛି। ୨୦୨୦ ମସିହାରୁ ନିଶା ଆଇନ ପ୍ରବର୍ତ୍ତନ ଏଜେନ୍ସି ଦେଶରୁ ୩୯ ଲକ୍ଷ କିଲୋଗ୍ରାମ ଗଞ୍ଜେଇ ଆଧାରିତ ଔଷଧ ଜବତ କରିଛନ୍ତି। ୨୦୨୦ରେ ଦେଶରେ ଏହି ସଂଖ୍ୟା ୫.୮୮ଲକ୍ଷ କିଲୋଗ୍ରାମ ଥିଲା, ଯାହା ୨୦୨୧ରେ ସର୍ବାଧିକ ୮.୧୬ଲକ୍ଷ କିଲୋଗ୍ରାମ ହୋଇଥିଲା । ପରେ ତିନି ବର୍ଷ ଧରି ଲଗାତାର ହ୍ରାସ ପାଇ ୨୦୨୨ରେ ୭.୨୨ଲକ୍ଷ କିଲୋଗ୍ରାମ, ୨୦୨୩ରେ ୬.୩୨ଲକ୍ଷ କିଲୋଗ୍ରାମ ଏବଂ ୨୦୨୪ରେ ୫.୪ଲକ୍ଷ କିଲୋଗ୍ରାମ ଜବତ ହୋଇଥିଲା। ପରେ ୨୦୨୫ରେ ଏହି ଧାରା ଓଲଟି ଯାଇ ୫.୮୯ଲକ୍ଷ କିଲୋଗ୍ରାମକୁ ବୃଦ୍ଧି ପାଇଥିଲା। ସର୍ବାଧିକ ଜବତ ହୋଇଥିବା ରାଜ୍ୟ ତାଲିକାରେ ଓଡ଼ିଶା ବଡ଼ ବ୍ୟବଧାନରେ ଶୀର୍ଷରେ ଥିଲା। ଛଅବର୍ଷରେ ଓଡିଶାରୁ ମୋଟ ୧୦.୬୫ଲକ୍ଷ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଛି।



# ବିଧାୟକଙ୍କ ଦ୍ୱାରା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶିଳାନ୍ୟାସ

**ବ୍ୟାସନଗର,ନ୍ୟୁଜ ବ୍ୟୁରେ**

ସୋମବାର ଯାଜପୁର ଜିଲ୍ଲାର କୋରେଇ ବ୍ଲକ୍ ଅନ୍ତର୍ଗତ ତାହାରପୁର ଗ୍ରାମ ପଞ୍ଚାୟତ ତାହାରପୁର ଖେଳପଡିଆ ଠାରୁ ଏକ ବିଶାଳ ମଟର ସାଇକେଲ ରାଲିରେ କୋରେଇର ମାନ୍ୟବର ବିଧାୟକ ଆକାଶ ଦାସନାୟକ ତେନ୍ତୁଲିଖୁଣ୍ଟା ଛକ ଠାରେ ପହଞ୍ଚିଥିଲେ । ସେଠାରେ ଗ୍ରାମ୍ୟ ଉନ୍ନୟନ (ବାରଦା) ଛକ ଠାରୁ ତେନ୍ତୁଲିଖୁଂଟା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉନ୍ନତିକରଣ ନିମନ୍ତେ ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ରାସ୍ତାର ଉନ୍ନତିକରଣ ନିମନ୍ତେ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୫ କୋଟି ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି । ଏହି ରାସ୍ତାର ଉନ୍ନତିକରଣ ହେବା ଦ୍ୱାରା ସାଦକପୁର, ତାହାରପୁର, ବ୍ୟାସନଗର



ପୌରପରିଷଦରେ ନୂତନ ଭାବେ ନିର୍ମାଣ ହେଉଥିବା କୋର୍ଟକୁ ଗମନାଗମନର ସୁବିଧା ହୋଇପାରିବ। ଏହି ରାସ୍ତା ହେବା ଫଳରେ ପଂଚାୟତର ଲୋକମାନେ ବୃହତ ଖୁସି ଥିବାର ଅନୁମାନ କରାଯାଇଛି । କୋରେଇ ବ୍ଲକର ଗମନାଗମନ ବିକାଶରେ ଆଜି ଏକ ନୂତନ ଫର୍ଦ୍ଦ ଯୋଡି ହୋଇଥିଲା । ମାନ୍ୟବର ବିଧାୟକ ଆକାଶ ଦାସନାୟକଙ୍କ ଏହି ପ୍ରଚେଷ୍ଟାକୁ କୋରେଇ ବ୍ଲକ୍ ?ର ଜନସାଧାରଣ ଭୂୟସୀ ପ୍ରଂଶସା କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସନାୟକ କହିଥିଲେ - ଆଗାମୀ ଦିନରେ କୋରେଇର ସମସ୍ତ ରାସ୍ତାଗୁଡିକୁ ସୁଦୃଢୀକରଣ କରାଯିବାର ବ୍ୟବସ୍ଥା କରାଯାଉଅଛି । ଏହି ଭିତିପ୍ରସ୍ତର କାର୍ଯ୍ୟକ୍ରମରେ ଶ୍ରୀମତୀ ନଳିନୀପ୍ରଭା ଯେନା, ଅଧ୍ୟକ୍ଷା, ଜିଲ୍ଲା ପରିଷଦ, ଯାଜପୁର, ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସ, ଦିପ୍ତିମୟୀ କୁଅଁର, ପ୍ରିତିରଞ୍ଜନ ସାହୁ, ଚିନ୍ତାମଣି ରାଉତ, ଉଦୟ ନାୟକ, ନୀଳମାଧବ ଚକ୍ର ମାୟାଧର ଜେନା, ବ୍ରାହ୍ମଣୀଦେବୀ ମଣ୍ଡଳ ଭାପତି ରାକେଶ ଜେନା, ଗୋପାଳ ସାହୁ, ମନ୍ମଥ ଜେନା, ଗୌରପୁର ସରପଂଚ ସତ୍ୟାନନ୍ଦ ମହାପାତ୍ର, ଅଯୋଧ୍ୟା ଜେନା, ରଞ୍ଜନ ମହାନ୍ତି, ହିଂମାଶୁ ପାଢୀ, ଧନେଶ୍ୱର ବାରିକ, ପାଟରଙ୍ଗା ସରପଂଚ ରଞ୍ଜନ ଦାସ, ଶରତ ଜେନା, ପ୍ରତାପ ସାହୁ, ସୁବ୍ରତ ସ୍ୱାଇଁ, ସରୋଜ ରାଉତ, ତାହାରପୁର ପଂଚାୟତର ବୀରସେନ ସାହୁ, ଶରତ ଜେନା, ଚିନ୍ତାମଣି ରାଉତ, ଦୁଃଶାସନ ଆଏଚ, ସମିର ଜେନା, ମାୟାଧର ଜେନା, ଅମର ମଲ୍ଲିକ, ଗଣେଶ ନାୟକ, ସତ୍ୟାନନ୍ଦ ସାହୁ, ପ୍ରଫୁଲ୍ଲ ବୋଇତାଇ, ଆଶା ମହାନ୍ତି, ରାଜେନ୍ଦ୍ର ଗାହାଣ ପ୍ରମୁଖ ବହୁ ବିଜେପି କର୍ମୀମାନେ ଯୋଗଦେଇଥିଲେ ।

# ଦଣ୍ଡନାଚରେ ସାମାଜିକ ନାଟକକୁ ନେଇ ଚର୍ଚ୍ଚା

## ମଞ୍ଚରେ ସାପ ଖେଳ, ବନ୍ୟପ୍ରାଣୀ ଆଇନ୍‌କୁ ଅଣଦେଖା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରେ**

ଗଞ୍ଜାମର ଅନନ୍ୟ ପରମ୍ପରା ଦଣ୍ଡନାଚ। ଆଉ ମାସକ ପରେ ଢୋଲ, ଘଣ୍ଟ ଓ ଗିନି ଶବ୍ଦରେ କମ୍ପିବ ସାରା ଅଂଚଳ । ରାତିରେ ବିଭିନ୍ନ ପାରମ୍ପରିକ ନାଟ୍ୟ ପରିବେଷଣ ହେବ। ସାମାଜିକ ନାଟକ ପରିବେଷଣ ନେଇ ଚର୍ଚ୍ଚା ଚାଲୁଛି । ତେବେ ମଞ୍ଚରେ ବନ୍ୟପ୍ରାଣୀଙ୍କ ପ୍ରଦର୍ଶନ ପ୍ରସଙ୍ଗ ଭୁଲି ଯାଉଛନ୍ତି । ନାଟକ ପରିବେଷଣ ସମୟରେ ମଞ୍ଚରେ ବିଷାକ୍ତ ସାପ ଧରି ଖେଳ ଦେଖାଯାଉଛି । ପ୍ରତିବର୍ଷ ଜିଲ୍ଲାରେ ଦଣ୍ଡନାଚ ସମୟରେ ବିଭିନ୍ନ ଅଂଚଳରୁ ଏହିପରି ଚିତ୍ର ସାମ୍ନାକୁ ଆସୁଛି । ଏଥିରେ ରୋକ୍ ଲଗାଇବାକୁ ପ୍ରାସନ ପଦକ୍ଷେପ ନେବାର ଆବଶ୍ୟକତା ରହିଥିବା ପରିବେଶପ୍ରେମୀ ଓ ନାଟ୍ୟକାରମାନେ କହିଛନ୍ତି । ପୂର୍ବରୁ ସାମାଜିକ ନାଟକ ପରିବେଷଣ ଆଳରେ ରେକର୍ଡ ଡ୍ୟାନ୍ସ ଦେଖିବାକୁ ମିଳୁଥିଲା । ବିଭିନ୍ନ ଅନୁଷ୍ଠାନର ଦାବି ପରେ ମଂଚରେ ରେକର୍ଡ଼ ଡ୍ୟାନ୍ସ ବନ୍ଦ ହୋଇଛି । ସାମାଜିକ ନାଟକ ପରିବେଷଣ ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ତମୂଳକ କଟକଣା କରାଯାଇଛି । କିନ୍ତୁ ପ୍ରତି ବର୍ଷ ଜିଲ୍ଲାରେ ଦଣ୍ଡନାଚ ସମୟରେ ମଂଚରେ ବନ୍ୟପ୍ରାଣୀଙ୍କ ବ୍ୟବହାର ହେଉଛି । ବିଶେଷ କରି ବିଷଧର ସାପଙ୍କୁ ମଂଚରେ ଧରି କଳା ପ୍ରଦର୍ଶନ ହେଉଥିବା ଦେଖିବାକୁ ମିଳୁଛି । ଯାହାକି ଖେଳାଉଥିବା ବ୍ୟକ୍ତି ଠାରୁ ଦେଖିବାକୁ ଲୋକଙ୍କ ଜୀବନ ପ୍ରତି ଅଧିକ ବିପଦ ରହୁଛି । ଗତ ବର୍ଷ ହିଞ୍ଜିଳି ଥାନା ଅଂଚଳରେ ଏଭଳି ଏକ ଘଟଣାରେ ପୋଲିସ ଓ ବନ ବିଭାଗ ପକ୍ଷରୁ ପୃଥକ୍ ମାମଲା ରୁଜୁ କରି ୫ ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଥିଲା । ସ୍ନେକ୍ ହେଲ୍ ?ଫ ଲାଇନ୍ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି ମନୋରଞ୍ଜନ କାର୍ଯ୍ୟକ୍ରମରେ ସାପଙ୍କୁ ବ୍ୟବହାର କରାଯାଇପାରିବ ନାହିଁ । ବନ୍ୟପ୍ରାଣୀ ଆଇନ୍‌ରେ ସେଡ୍ୟୁଲ୍-୧ ରେ ଥିବା ଭାରତୀୟ ସାପଙ୍କୁ ଧରି ଖେଳ ଦେଖାଇଲେ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍ ସହିତ ୧ ଲକ୍ଷ ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ଅଛି । ସେହିପରି ସେଡ୍ୟୁଲ୍-୪ରେ ଥିବା ଏକଜୋଟିକ୍ (ବାହାରୁ ଆମଦାନୀ ହେଉଥିବା ବିରଳ ପ୍ରଜତି) ସାପ ହେଲେ ୫ ଲକ୍ଷ ଟଙ୍କା ଯାଏଁ ଜୋରିମାନା ପକାଇ କେସ୍ କମ୍ପାଉଣ୍ଡ୍ କରିବା ବ୍ୟବସ୍ଥା ଅଛି । ଗଞ୍ଜାମରେ ପେଣ୍ଡାଲ୍‌ରେ ସାପକୁ ଖେଳାଉଥିବାର ଅନେକ ନଜିର ରହିଛି। ବନ ବିଭାଗ ଓ ଜିଲ୍ଲା ପ୍ରଶାସନ ଏହାକୁ ରୋକିବା ଦିଗରେ କଠୋର ହୁଅନ୍ତୁ ବୋଲି ସେ କହିଛନ୍ତି । ଏନେଇ ବ୍ରହ୍ମପୁର ବନ ମଣ୍ଡଳ ଆରସିସିଏଫ୍ ବିଶ୍ୱନାଥ ଏନ୍ କହିଛନ୍ତି ଗତ ବର୍ଷ ଏକ ଘଟଣାରେ ବନ୍ୟପ୍ରାଣୀ ଆଇନ୍ ଆଧାରରେ ମାମଲା ରୁଜୁ କରିବା ସହ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଏନେଇ ଲୋକଙ୍କ ମଧ୍ୟରେ ସଚେତନ କରିବା ଓ କୌଣସି ସ୍ଥାନରେ ନିୟମ ଉଲଙ୍ଘନ ହେଉଥିବା ନଜରକୁ ଆସିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡ଼ିଏଫ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯିବ । ଜିଲ୍ଲା ନାଟ୍ୟ ନିର୍ଦ୍ଦେଶକ ସଂଘ ସଭାପତି ରାଜ ଗୋପାଳ ପାଢ଼ୀ କହିଛନ୍ତି ଏ ନେଇ କଠୋର ଆଇନ୍ ଓ କାର୍ଯ୍ୟାନୁଷ୍ଠାନ ସହିତ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ଲାଗୁ ହେଉନାହିଁ । ଏହାକୁ ଆମ ସଂଘ ସମ୍ପୂର୍ଣ୍ଣ ବାରଣ କରିଛି । ଏହିପରି କିଛି ଦେଖିବାକୁ ମିଳିଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

# ଘଟଗାଁ ସାମ୍ବାଦିକ ସଂଘର ପ୍ରଥମ ବୈଠକ

**ଘଟଗାଁ, ନ୍ୟୁଜ ବ୍ୟୁରେ**

ଘଟଗାଁ ସାମ୍ବାଦିକ ସଂଘର ପଞ୍ଜିକରଣ ପରେ ପ୍ରଥମ ସାଧାରଣ ବୈଠକ ନିକଟସ୍ଥ ୨୦ ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ 'ହାଓ୍ୱେ ଢାବା ଆଣ୍ଡ କାଫେ'ରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ସମୀର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ଅଖିଳ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗଣମାଧ୍ୟମ ଓ ସାମ୍ବାଦିକତା ବିନା ସୁସ୍ଥ ଲୋକତନ୍ତ୍ରର କଳ୍ପନା ସମ୍ଭବ ନୁହେଁ କହିବା ସଙ୍ଗେ ସଙ୍ଗେ ସାମ୍ବାଦିକତା ସମାଜର ଆଇନା ଭଳି କାମ କରି ସତ୍ୟକୁ ପ୍ରତିବିମ୍ବିତ କରେ ବୋଲି କହିଥିଲେ । ବରିଷ୍ଠ ସାମ୍ବାଦିକ ଚନ୍ଦ୍ର ଶେଖର ସାହୁ ବକ୍ତବ୍ୟ ରଖି ସତ୍ୟ, ନିରପେକ୍ଷ ଓ ତଥ୍ୟାଧାରିତ ଖବର ସଂଗ୍ରହ, ପରୀକ୍ଷା, ସମ୍ପାଦନା ଏବଂ ପ୍ରସାରଣ ହେଉଛି ସାମ୍ବାଦିକତାର ମୂଳ ଆଧାର କହିବା ସହ ଗଣମାଧ୍ୟମ ସତ୍ୟ, ନୀତି ଓ ଜନହିତକୁ ଆଧାର କରେ , ତେବେ ସମାଜ ନିଶ୍ଚିତ ଭାବେ ସୁସ୍ଥ, ସଚେତନ ଓ ପ୍ରଗତିଶୀଳ ହୋଇପାରିବ ବୋଲି କହିଥିଲେ। ସଂଘର ଉପଦେଷ୍ଟା ନାରାୟଣ ପଲେଇ ଫେକ୍ ନ୍ୟୁଜ୍ ଓ ଭୁଲ ସୂଚନା ଯୋଗୁଁ ସମାଜରେ ସୃଷ୍ଟି ହେଉଥିବା ଭ୍ରାନ୍ତି ଓ ଅଶାନ୍ତି ପ୍ରତି ଗଭୀର ଚିନ୍ତା ପ୍ରକାଶ କରି ଖବର ପ୍ରସାରଣ ପୂର୍ବରୁ ସଠିକ ତଥ୍ୟ ଯାଞ୍ଚ ଓ ନିରପେକ୍ଷତା ଅବଲମ୍ବନକୁ ସୁସ୍ଥ ସାମ୍ବାଦିକତାର ପରିଚୟ ବୋଲି କହିଥିଲେ। ଅନ୍ୟତମ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ସାହୁ ଆଗାମୀ ଦିନରେ ସଂଘ ପକ୍ଷରୁ ଜନହିତକର କାର୍ଯ୍ୟ କରାଯିବା ନେଇ ମତ ପ୍ରକାଶ କରିଥିଲେ। ସାଧାରଣ ସମ୍ପାଦକ ଯୋଗେଶ ପଣ୍ଡା ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରି ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ବିଶ୍ୱାମିତ୍ର ପାତ୍ର, ନଳିନୀକାନ୍ତ ବେହେରା, ଅଭିଷେକ ପଣ୍ଡା, ରାଜେଶ ପୃଷ୍ଟି, ସମ୍ବିତ କୁମାର ସାହୁ, ମନୋରଞ୍ଜନ ସାହୁ, ବିପିନ ମହାନ୍ତ, ପୂର୍ଣ୍ଣାନନ୍ଦ ପଲେଇ, ରଞ୍ଜିତ ପଲେଇ, ମନୋଜ ପାତ୍ର, ମନୋରଞ୍ଜନ ଦାଶ ଓ ଧରଣୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁଝରରେ ରାଷ୍ଟ୍ରୀୟ ପେନସନ୍ ଯୋଜନାକୁ ନେଇ ଦକ୍ଷତା ବିକାଶ ଏବଂ ସଚେତନତା କାର୍ଯ୍ୟକ୍ରମ

**କେନ୍ଦୁଝର, ନ୍ୟୁଜ ବ୍ୟୁରେ**





ଜିଲ୍ଲା କୋଷାଗାର ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ବିଭିନ୍ନ ବିଭାଗର ବିତରଣ ଅଧିକାରୀଙ୍କ ଅଂଶ ଗ୍ରହଣ ଏନପିଏସ୍ ବ୍ୟବସ୍ଥାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ କେନ୍ଦୁଝର, ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ ଠାରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅଧୀନସ୍ଥ କୋଷାଗାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା କୋଷାଗାର ପକ୍ଷରୁ ଦକ୍ଷତା ବିକାଶ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଭାଗୀୟ ଅଧିକାରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରାଇବା ସହ ଏନପିଏସକୁ ନେଇ ଅଧିକ ସଚେତନତା ସୃଷ୍ଟି କରିବ। ଏହାଦ୍ୱାରା ପ୍ରତ୍ୟେକ କାର୍ଯ୍ୟାଳୟରେ ଅଧିକାରୀ ଏବଂ କର୍ମଚାରୀମାନେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଉପକୃତ ହେବେ। ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଓଡ଼ିଶା କୋଷାଗାର ଓ ନିରୀକ୍ଷଣ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ, ଭୁବନେଶ୍ୱର ପଙ୍କଜ କୁମାର ମହାନ୍ତ ଏନପିଏସ୍ ସମ୍ପର୍କିତ ବିଭିନ୍ନ ବୈଷୟିକ ତଥ୍ୟ ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟର ବିତରଣ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ବନ୍ଧୀୟ ବିଭିନ୍ନ ଜଟିଳ ପ୍ରଶ୍ନର ସରଳ ସମାଧାନ ସମ୍ପର୍କିତ ଏକ ମାର୍ଗଦର୍ଶିକା ସଭିଙ୍କୁ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ ଓଡ଼ିଶା ସରକାରଙ୍କ ସମସ୍ତ କର୍ମଚାରୀ ଏବଂ ଡିଡିଓମାନଙ୍କ ନିମନ୍ତେ ତା୦୯.୦୨.୨୦୨୬ରିଖ ଠାରୁ ତା୧୩.୦୨.୨୦୨୬ରିଖ ପର୍ଯ୍ୟନ୍ତ ଏନପିଏସର ରାଜ୍ୟବ୍ୟାପୀ ସେବା ସପ୍ତାହ ପାଳନ ହେଉଛି। ଏହି ଅବସରରେ କେନ୍ଦୁଝର ଜିଲ୍ଲା କୋଷାଗାରରେ ଏକ ସ୍ୱତନ୍ତ୍ର ସହାୟତା କେନ୍ଦ୍ର ଖୋଲାଯାଇଛି। ଏଠାରେ ରାଷ୍ଟ୍ରୀୟ ପେନସନ୍ ଯୋଜନା ସମ୍ବନ୍ଧୀୟ ସମସ୍ତ ସନ୍ଦେହ ଦୂର କରାଯିବା ସହ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ କରାଯିବ। ଏହି ସେବା ସପ୍ତାହର ସୁଯୋଗ ନେବା ପାଇଁ ସମସ୍ତ କର୍ମଚାରୀ ଏବଂ ଡିଡିଓମାନଙ୍କୁ କୋଷାଗାର ପକ୍ଷରୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଜିଲ୍ଲାପାଳଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଜିଲ୍ଲା କୋଷାଗାର ଅଧିକାରୀ ଏସ. ହିମାନୀ, କାର୍ଯ୍ୟାଳୟର ଅଡିଟର ଚିନ୍ମୟ ପ୍ରଧାନ, କନିଷ୍ଠ ସହାୟକ ଆର୍ତ୍ତସାରଥୀ ପଟ୍ଟନାୟକଙ୍କ ସମେତ ବିଭାଗ ର ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ଯୁଗ୍ମ ଜନଶୁଣାଣି : ୮୮ ଅଭିଯୋଗ

**କଟକ, ନ୍ୟୁଜ ବ୍ୟୁରେ**

ନିଶ୍ଚିନ୍ତକୋଇଲି ବ୍ଲକ୍ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୮୮ଟି ଅଭିଯୋଗ ହସ୍ତଗତ ହୋଇଥିଲା । ତନ୍ମଧ୍ୟରେ ୭୫ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୩ଗୋଟି ସାମୂହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୪୭ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ ଆସନ୍ତା ୧୬ ତାରିଖରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

# ଜଙ୍ଗଲ ନିଆଁ ପାଇଁ ସଚେତନତା ଶୋଭାଯାତ୍ରା

**ଘଟଗାଁ,ନ୍ୟୁଜ ବ୍ୟୁରେ**

ଅଟେଇ ସଂରକ୍ଷିତ ଜଙ୍ଗଲରେ ନିଆଁ ନ ଲଗାଇବା ନେଇ ଘଟଗାଁ ବନବିଭାଗ ତରଫରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପାଲବଣୀସାହି (ମେଲାଣ) ବନସୁରେକ୍ଷା ସମିତି ଓ ପୋଇଜାମୁଳା ବନସୁରେକ୍ଷା ସମିତି ମିଳିତ ଆନୁକୁଲ୍ୟରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଗ୍ରାମରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟକର୍ତ୍ତାମାନେ ଏଥିରେ ସାମିଲ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଘଟଗାଁ ଫରେଷ୍ଟର ବିଶ୍ୱ ମୋହନ ମିଶ୍ର, ଫରେଷ୍ଟର ଅଙ୍କିତା ସିଂ ନେତୃତ୍ୱରେ ଆମ ଜଙ୍ଗଲ ଯୋଜନାର ବ୍ଲକ କୋଡିନେଟର ରଂଜିତ କୁମାର ପଲେଇ, ଫୋରେଷ୍ଟ ଗାର୍ଡ ମୋନାଲିଶା ପାତ୍ର ,ପାରାଫରେଷ୍ଟ କର୍ମଚାରୀ, ଗଜସାଥୀ ଏଥିରେ ଭାଗନେଇ ଥିଲେ । ପାଲବଣୀ ସାହି ରୁ ଶୋଭାଯାତ୍ରା ବାହାରି ବିଭିନ୍ନ ସାହିବସ୍ତି ପରିକ୍ରମା କରି ପୋଇଜାମୁଳା ବନ ସୁରେକ୍ଷା ସମିତି କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା । ପରେ ଏକ ସଚେତନତା ସଭାର ଆୟୋଜନ କରାଯାଇ ଜଙ୍ଗଲରେ କିପରି ନିଆଁ ନଲାଗିବ ସେଥିନେଇ ଲୋକଙ୍କୁ ସଚେତନ କରାଯାଇଥିଲା ।

# ଅଭିନେତା ସାତ୍ତ୍ୱିକି ମିଶ୍ରଙ୍କୁ ହତ୍ୟା ଧମକ : ଡିସିପିଙ୍କୁ ଫେରାଦ୍

**କଟକ,ନ୍ୟୁଜ ବ୍ୟୁରେ**

ଅଭିନେତା ସାତ୍ତ୍ୱିକି ମିଶ୍ରଙ୍କ ଜୀବନ ପ୍ରତି ବିପଦ । ତାଙ୍କୁ ଜୀବନରୁ ମାରିଦେବାକୁ ଧମକ । ହତ୍ୟା କରିଦେବା ଭଳି ଧମକ ଅଭିଯୋଗ ହୋଇଛି । ଏନେଇ ଡିସିପିଙ୍କ ନିକଟରେ ଫେରାଦ୍ ହେଲେ ଅଭିନେତା ସାତ୍ତ୍ୱିକି ମିଶ୍ର । ଏମିତିକି ତାଙ୍କ ପତ୍ନୀଙ୍କୁ ବି ଅଶାଳୀନ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି । ଘଟଣାର ତଦନ୍ତ କରୁଛି ପୋଲିସ । ସୂଚନା ଥାଉକି, ପାରିବାରିକ ଗଣ୍ଡଗୋଳକୁ ନେଇ ହତ୍ୟା ଧମକ ଆସିଥିବା ଅଭିଯୋଗ ହୋଇଛି । ପୈତୃକ ସମ୍ପତ୍ତି ବିବାଦରୁ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି ଦୁର୍ବୃତ୍ତ । ପରିବାରର ସୁରକ୍ଷା ଦାବି କରି କଟକ ଡିସିପିଙ୍କୁ ଭେଟିଛନ୍ତି ସାତ୍ତ୍ୱିକି ମିଶ୍ର । ତାଙ୍କ ଅଭିଯୋଗ ଅନୁଯାୟୀ କଟକ ଷ୍ଟୁଡେଣ୍ଟ ଷ୍ଟୋର'ର ମାଲିକାନାକୁ ନେଇ ବିବାଦ ଉପୁଜୁଥିଲା । ଏମିତିକି ବଡ଼ବାପାଙ୍କ ପୁଅ ଅକ୍ତିଆର ପାଇଁ ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି । ଘରେ ପଶି ଜୀବନରୁ ମାରିଦେବାକୁ ଧମକ ଦେଇଥିବା କହିଛନ୍ତି । ତେବେ ଏହି ଘଟଣାରେ କେତେ ସତ୍ୟତା ରହି ତାହା ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ ।

# ୫୦ କେଜି ଗଞ୍ଜେଇ ଜବତ କଲା କଟକ କେନ୍ଦ୍ରାଞ୍ଚଳ ଗୁଇନ୍ଦା ବିଭାଗ ଓ ଅବକାରୀ ବିଭାଗ

**କଟକ, ନ୍ୟୁଜ ବ୍ୟୁରେ**



କଟକ କେନ୍ଦ୍ରାଞ୍ଚଳ ଗୁଇନ୍ଦା ବିଭାଗ ଓ ଅବକାରୀ ବିଭାଗ ମିଳିତ ସହଯୋଗରେ ୫୦ କେଜି ଗଞ୍ଜେଇ ଜବତ କରାଯାଇଛି। ଯାହାର ମୂଲ୍ୟ ୧୪ ଲକ୍ଷ ବୋଲି ଜଣାପଡିଛି। ସୂଚନା ଥାଉକି, କଟକ ପୁରୀଘାଟ ଥାନା ପେଟିନ୍ ସାହି ଅଞ୍ଚଳର ଏକ ଭଡ଼ା ଘରୁ ୫୦ କେଜି ଗଞ୍ଜେଇ ଓ ଏକ କିଆ ସେଲଟସ୍‌କୁ ଜବତ କରିବା ସହ ଜଣକୁ ଗିରଫ କରିଛି କେନ୍ଦ୍ରାଞ୍ଚଳ ଗୁଇନ୍ଦା ଅବକାରୀ ବିଭାଗ। ଅଭିଯୁକ୍ତ ଜଣକ ହେଉଛି କଟକ ମଙ୍ଗଳାବାଗ ଥାନା ଅନ୍ତର୍ଗତ ବକ୍ସିବଜାର କେଶରପୁରର ଏସ୍.କେ. ଆବିଦ (୩୯)। ଏହି ଚଢ଼ାଉରେ ଅବକାରୀ ବିଭାଗର ଡି.ଏସ୍.ପି. ବିକାଶ କୁମାର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ରେ ଅବନୀ କୁମାର ମହାପାତ୍ର (ଅବକାରୀ ବିଭାଗର ଇନ୍‌ସପେକ୍ଟର), କିଶୋର ଚନ୍ଦ୍ର ରାଉତ (ଏ.ଏସ.ଆଇ), ରଞ୍ଜନ କୁମାର ପାତ୍ର (କନଷ୍ଟେବଲ), ସତ୍ୟବ୍ରତ ସାହୁ (କନଷ୍ଟେବଲ), ଅଶ୍ୱିନୀ କୁମାର ପରିଡା (କନଷ୍ଟେବଲ), ସୁନାବତୀ ବରିହା (ମହିଳା କନଷ୍ଟେବଲ) ସାମିଲ ହୋଇଥିଲେ। ଏବଂ ଚଢ଼ାଉ କରି ଅଭିଯୁକ୍ତ ଏସ୍.କେ. ଆବିଦକୁ ଗିରଫ କରିବା ସହ ଗଞ୍ଜେଇ ସମେତ କିଆ ସେଲଟସ୍ ନାମକ ଏକ କାରକୁ ଜବତ କରି ବିଚାର ବିଭାଗୀୟ ହାଜତକୁ ପଠାଇଛି ଅବକାରୀ ବିଭାଗ।

# ଅନ୍ତର୍ଜାତୀୟ ମାନବ ଅଧିକାର ଫୋର୍ସର ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରେ**



ଜିଲ୍ଲାର ଇଣ୍ଟର ନେସନାଲ ହ୍ୟୁମାନ ରାଇଟ ଫୋର୍ସ ତରଫରୁ କେନ୍ଦ୍ରାପଡ଼ା ଜିଲ୍ଲା ଦୁହୁରିଆ ସ୍ଥିତ ଆଇ ଏଚ ଆର ଏଫ ଅଫିସ ରେ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ବାଚିତ ନୂତନ କର୍ମକର୍ତ୍ତାଙ୍କର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଅଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ୱେଷ୍ଟ ଜୋନର ମହିଳା ସଭାପତି ମୋନାଲିସା ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଇଣ୍ଟର୍ ନେସନାଲ ହ୍ୟୁମାନ ରାଇଟ ଫୋର୍ସର ନିର୍ବାଚିତ ଜିଲ୍ଲା କର୍ମକର୍ତ୍ତାଙ୍କୁ ଫୁଲ ତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଇଣ୍ଟର୍ ନେସନାଲ ହ୍ୟୁମାନ ରାଇଟ ଫୋର୍ସ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ରେ ନୂତନ ଜିଲ୍ଲା ସଭାପତି ଭାବେ ସଞ୍ଜୟ କୁମାର ପଣ୍ଡା, ଜିଲ୍ଲା ସମ୍ପାଦକ ଭାବେ ପ୍ରମୋଦ କୁମାର ଜେନା, ମହିଳା ସଭାପତି ଭାବେ ମିନତି ସୁନ୍ଦର ରାୟ, ମହିଳା ଏକ୍ଜିକ୍ୟୁଟିଭ ସଭାପତି ଭାବେ ସ୍ୱୟଂପ୍ରଭା ମିଶ୍ର, ମହିଳା ଉପସଭାପତି ଭାବେ ପ୍ରଭାତୀ ସାହୁ ନିର୍ବାଚିତ ହୋଇ ଥିଲେ ।ନୂତନ ଜିଲ୍ଲା ସଭାପତି ଭାବେ ସଞ୍ଜୟ କୁମାର ପଣ୍ଡା ଓ ଜିଲ୍ଲା ମହିଳା ସଭାପତି ଭାବେ ମିନତି ସୁନ୍ଦର ରାୟଙ୍କୁ ୱେଷ୍ଟ ଜୋନର ମହିଳା ସଭାପତି ମୋନାଲିସା ସାହୁ ଶପଥ ପାଠ କରାଇ ଥିଲେ। ଶେଷ ରେ ନୂତନ ନିର୍ବାଚିତ ସଭାପତି ଅନ୍ୟ ନିର୍ବାଚିତ ପ୍ରତିନିଧିଙ୍କୁ ଶପଥ ପାଠ କରାଇ ଥିଲେ। ଇଣ୍ଟର୍ ନେସନାଲ ହ୍ୟୁମାନ ରାଇଟ ଫୋର୍ସର ନୂତନ ଜିଲ୍ଲା ସଭାପତି ତାଙ୍କ ଭାଷଣରେ କହିଲେ ଆଗକୁ ଆଇ ଏଚ ଆର ଏଫ୍ ଜିଲ୍ଲାର ସମସ୍ତ ଅସହାୟ ମହିଳା ଓ ପୁରୁଷଙ୍କ ପାଖରେ ସବୁବେଳେ ଠିଆ ହେବ। ଜିଲ୍ଲା ରେ ଯୋଉ ବ୍ୟକ୍ତି ନ୍ୟାୟ ନ ପାଇବେ ସେମାନେ ଇଣ୍ଟର୍ ନେସନାଲ ହ୍ୟୁମାନ ରାଇଟ ଫୋର୍ସ ପାଖରେ ଅଭିଯୋଗ କଲେ ସେମାନଙ୍କ ପାଖରେ ଆଇ ଏଚ ଆର ଏଫ୍ ସମସ୍ତ ଟିମ୍ ଠିଆ ହେବ ସହିତ ଉଚିତ୍ ନ୍ୟାୟ ଦେବା କୁ ଜିଲ୍ଲା ପ୍ରଶାସନ କୁ ଦାବି କରିବ। ଗୋ ସୁରକ୍ଷା ପାଇଁ ମଧ କାର୍ଯ୍ୟ କରିବ। ଆଗାମୀ ଦିନରେ କେମିତି କେନ୍ଦ୍ରାପଡ଼ା ଜିଲ୍ଲା ଭିକାରୀ ମୁକ୍ତ ଜିଲ୍ଲା ହେବ ସେଥି ପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପ୍ରଶାସନ ପାଖରେ ଦାବି କରିବ ଓ ଦରକାର୍ ବେଳେ ଆନ୍ଦୋଳନ କରିବ । ଶେଷରେ ଉପସଭାପତି ଧନ୍ୟବାଦ୍ ଦେଇ ସଭା ଭଙ୍ଗ କରିଥିଲେ।

# ଏଫଏମୟୁରେ ମହିଳା ସୁରକ୍ଷା ନିୟମାବଳୀ ଓ ଆଇନ ସଂପର୍କିତ କାର୍ଯ୍ୟକ୍ରମ

**ବାଲେଶ୍ୱର,ନ୍ୟୁଜ ବ୍ୟୁରେ**

ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଚ୍ଚଶିକ୍ଷାନୁଷ୍ଠାନରେ ମହିଳା କର୍ମଚାରୀ ଓ ଛାତ୍ରୀଙ୍କ ଯୌନ ଉତ୍ପୀଡନ ନିବାରଣ, ପ୍ରତିଷେଧ ଓ ପ୍ରତିକାର ସମ୍ପର୍କିତ ନିୟମାବଳୀ ଏବଂ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ ନିବାରଣ ଆଇନ ଉପରେ ବିଭାଗଭିତ୍ତିକ ସଚେତନତା କାର୍ଯ୍ୟକ୍ରମର ଏକ ଶୃଙ୍ଖଳ ୯ ରୁ ୧୩ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ଉଭୟ ପରିସରରେ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଦ୍ୱାରା ଆୟୋଜିତ ହେଉଥିବା ବେଳେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ତଥା କୁଳସଚିବ ଶ୍ରୀମତୀ କୁକୁମୀନା ଦାସ ଏବଂ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର



ବେହେରାଙ୍କ ସକ୍ରିୟ ସହଯୋଗରେ ହେଉଅଛି। ଏହି ପଦକ୍ଷେପର ସମନ୍ୱୟକ ଭାବେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ର ଅଧ୍ୟକ୍ଷା ପ୍ରଫେସର ପଦ୍ମଲିତା ରାଉତରାୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ନିୟମାବଳୀ ଓ ଆଇନର ନିର୍ଦ୍ଦେଶାନୁସାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ଶିକ୍ଷକ-ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ, ଛାତ୍ରଛାତ୍ରୀ ଓ କାର୍ଯ୍ୟରତ ଗବେଷକମାନଙ୍କୁ କାର୍ଯ୍ୟସ୍ଥଳ ଏବଂ ଶିକ୍ଷା ପରିବେଶର ସୁରକ୍ଷା, ମର୍ଯ୍ୟାଦା ଓ ଲିଙ୍ଗ ସମାନତା ବିଷୟରେ ସଚେତନ କରିବା। ଏହି ସଚେତନତା କାର୍ଯ୍ୟକ୍ରମରେ ଜାତୀୟ ମହିଳା ଆୟୋଗଙ୍କ ଦ୍ୱାରା ସୁପାରିଶ ହୋଇଥିବା ବିଶ୍ୱବିଦ୍ୟାଳୟ ପରିସର ଭିତ୍ତିକ ସଚେତନତା କାର୍ଯ୍ୟକଳାପମାନ ମଧ୍ୟ ସମ୍ମିଳିତ କରାଯାଇଛି। ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ, "ନିରାପଦ, ସମାବେଶୀ ଓ ପରସ୍ପର ସମ୍ମାନପୂର୍ଣ୍ଣ ଶିକ୍ଷା ପରିବେଶ ସୃଷ୍ଟି କରିବା ବିଶ୍ୱବିଦ୍ୟାଳୟ ପରିବାରର ସମସ୍ତ ଅଂଶୀଦାରଙ୍କ ସାମୂହିକ ଦାୟିତ୍ୱ। ସଚେତନତା ଓ ସମ୍ବେଦନଶୀଳତା ମାଧ୍ୟମରେ ଏହାକୁ ସଫଳ କରାଯାଇପାରିବ।" ଏହି ଅବସରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧ୍ୟକ୍ଷା ପ୍ରଫେସର ପଦ୍ମଲିତା ରାଉତରାୟ କହିଥିଲେ, "ଏହି ବିଭାଗଭିତ୍ତିକ ସଚେତନତା କାର୍ଯ୍ୟକ୍ରମର ଲକ୍ଷ୍ୟ କେବଳ ଆଇନ ସମ୍ପର୍କିତ ସୂଚନା ପ୍ରସାର ନୁହେଁ, ବରଂ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କୁ ଯେକୌଣସି ପ୍ରକାରର ଅନୁଚିତ ବ୍ୟବହାର ବିରୋଧରେ ନିର୍ଭୟ ଭାବେ ସ୍ୱର ଉଠାଇବାକୁ ସଶକ୍ତ କରିବା।" ଏଥିସହ ସେ କହିଥିଲେ, "ସଚେତନ ପରିସର ହେଉଛି ସୁରକ୍ଷିତ ପରିସର" ଓ ଉଲ୍ଲେଖ କରିଥିଲେ ଯେ ଆଭ୍ୟନ୍ତରୀଣ ଅଭିଯୋଗ ସମିତି ଏକ ନିରପେକ୍ଷ, ଗୋପନୀୟ ଓ ସହଜଗମ୍ୟ ବ୍ୟବସ୍ଥା ଭାବେ କାର୍ଯ୍ୟ କରି ସ୍ୱାଭାବିକ ନ୍ୟାୟର ସିଦ୍ଧାନ୍ତକୁ ସୁନିଶ୍ଚିତ କରେ। ଏକ ସାମୂହିକ ଶପଥପାଠ କାର୍ଯ୍ୟକ୍ରମ ସହ ଏହି ସଚେତନତା ଶୃଙ୍ଖଳ ଆରମ୍ଭ କରାଯାଇଥିଲା।

# କେନ୍ଦ୍ରୀୟ ବଜେଟ ଓଡିଶା ପାଇଁ, ପଶ୍ଚିମ ଓଡ଼ିଶା ପାଇଁ, କେବିକେ ପାଇଁ ନୈରାଶ୍ୟ ଜନକ

**କଣ୍ଟାବାଞ୍ଜି, ନ୍ୟୁଜ ବ୍ୟୁରେ**

କେନ୍ଦ୍ରୀୟ ବଜେଟ ୨୦୨୬-୨୦୨୭ ଆଲୋଚନା ରେ ଅଂଶଗ୍ରହଣ କରି ବିଜେଡି ରାଜ୍ୟସଭା ସାଂସଦ କେନ୍ଦ୍ର ସରକାରଙ୍କ ବଜେଟକୁ କଡ଼ା ସମାଲୋଚନା କରି କହିଲେ ଯେ କେନ୍ଦ୍ରୀୟ ବଜେଟ ରେ ଓଡ଼ିଶାର ବିକାଶ ପାଇଁ କିଛି ନାହିଁ । ଚାଷୀ ଓ ଚାଷର ବିକାଶ ପାଇଁ, ଧାନର ଏମ ଏସ ପି କ୍ୟୁଇଣ୍ଟାଲ ପିଛା ୩୧୦୦ ରୁ ୬୨୦୦ ଟଙ୍କା ବଢେଇବା ବ୍ୟବସ୍ଥା ନାହିଁ କ୍ଷ ଦାଦନ ଶ୍ରମିକ ସମସ୍ୟା ସମାଧାନ ପାଇଁ ବଜେଟ ନାହିଁ । ପଶ୍ଚିମ ଓଡିଶା ଏବଂ କେବିକେ ଅଞ୍ଚଳ, ଗ୍ରାମାଞ୍ଚଳ ର ବିକାଶ ପାଇଁ ବଜେଟ ସୁବିଧା ନାହିଁ । ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା ବାତ୍ୟା ମରୁଡ଼ି ଓଡିଶା କୁ ଧ୍ୱସ୍ତବିଧ୍ୱସ୍ତ କରୁଛି । ସେଥିପାଇଁ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ଦଳ ସଭାପତି ନବୀନ ପଟ୍ଟନାୟକ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମନ୍ୟତା ଦେବା ପାଇଁ ଲଢ଼େଇ କରିଆସୁଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓଡ଼ିଶାର ବିକାଶ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ମଞ୍ଜୁରୀ ପାଇଁ ଦାବୀ କରିଆସୁଛନ୍ତି । ତାସତ୍ୱେ ବଜେଟରେ ଓଡ଼ିଶାକୁ ଅତିରିକ୍ତ ପାଣ୍ଠି ଦିଆଯାଇନାହିଁ। ସାଂସଦ ଶ୍ରୀ ବିଶି କହିଲେ ଯେ ବଜେଟରେ ଶିକ୍ଷା ପାଇଁ ୧.୩୯ ଲକ୍ଷ କୋଟି ବଜେଟ ବ୍ୟବସ୍ଥା ଯାହାକି ମୋଟ ବଜେଟର ମାତ୍ର ୨ ପ୍ରତିଶତ । ଭାରତ ରେ ୨୦୧୪-୨୦୨୪ ମଧ୍ୟରେ ୯୩ ହଜାର ସରକାରୀ ସ୍କୁଲ ବନ୍ଦ ହୋଇଯାଇଛି । ଓଡ଼ିଶାରେ ୨୦୧୪ରୁ ୨୦୨୫ ମଧ୍ୟରେ ୭୦୬୮ଟି ସରକାରୀ ସ୍କୁଲ ବନ୍ଦ କରା ଯାଇଛି । ଏସବୁ ସ୍କୁଲ ଗୁଡିକ ଆଦିବାସୀ ଅଞ୍ଚଳ, ଆଦିବାସୀ ଗାଁ, ଆଦିବାସୀ ବସ୍ତିରେ ବନ୍ଦ ହୋଇଯାଇଛି କ୍ଷ ଆଦିବାସୀ ଛାତ୍ରଛାତ୍ରୀ ପାଠ ପଢ଼ାରୁ ବଞ୍ଚିତ । ଆଦିବାସୀ ଯଦି ପଢି ପାରିବେ ନାହିଁ, ତେବେ ସବକା ସାଥ ସବକା ବିକାଶ ସବକା ବିଶ୍ୱାସ ହୋଇ ପାରିବ ନାହିଁ । ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ବଜେଟ ରେ କେବଳ ୨ ପ୍ରତିଶତ ବ୍ୟବସ୍ଥା ହୋଇଛି । ଏହି ବଜେଟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଳିଆ ମାଗଣା ସ୍ୱାସ୍ଥ୍ୟ ସେବା ମିଳିବ ନାହିଁ ବୋଲି ସାଂସଦ ଶ୍ରୀ ବିଶି ଉଦବେଗ ପ୍ରକାଶ କରିଥିଲେ । ଦେଶର ୧୫ କୋଟି ଆଦିବାସୀ ପାଇଁ ୧୫ହଜାର କୋଟି ଯାହାକି ମୋଟ ବଜେଟର ୦.୨୯% ବଜେଟ ହୋଇଥିବା ବେଳେ ଅନୁସୂଚିତ ଜାତି, ସଂଖ୍ୟାଲଘୁ, ଦିବ୍ୟାଙ୍ଗଜନ ପାଇଁ ୧୫,୩୫୭ କୋଟି ଅର୍ଥାତ ମୋଟ ବଜେଟର ୦.୩ % । ଶ୍ରୀ ବିଶି କ୍ଷୋଭ ପ୍ରକାଶ କରି କହିଲେ ଯେ ଏଭଳିଆ ବଜେଟରେ ବାବାସାହେବ ଡକ୍ଟର ଆମ୍ବେଦକରଙ୍କ ସ୍ୱପ୍ନ ସାକାର ହେବ ନାହିଁ କିମ୍ବା କ୍ରାନ୍ତିବିର ବିର୍ସାମୁଣ୍ଡାଙ୍କ ଲକ୍ଷ ପୂରଣ ହେବ ନାହିଁ । ଓଡ଼ିଶାର ପର୍ଯ୍ୟଟନ ବିକାଶ ତଥା ଶ୍ରୀକ୍ଷେତ୍ର ପୁରୀ ଜଗନ୍ନାଥ, କୋଣାର୍କ, ଲିଙ୍ଗରାଜ, ଚିଲିକା, ସମଲେଶ୍ୱରୀ ମନ୍ଦିର, ହରିଶଙ୍କର ନରସିଂନାଥ ଗନ୍ଧମାର୍ଦନ, ଚଉଷଠି ଯୋଗିନୀ ରଣିପୁର ଝରିଆଲ ଇତ୍ୟାଦି ପର୍ଯ୍ୟଟନ ସ୍ଥଳୀ ପାଇଁ ବଜେଟ ନାହିଁ ବୋଲି ଅସନ୍ତୋଷ ପ୍ରକାଶ କରିଥିଲେ। ଓଡ଼ିଶାର ହାଇ ସ୍ପିଡ଼ ରେଲୱେ କରିଡର, ଭୁବନେଶ୍ୱର ମେଟ୍ରୋ ପ୍ରୋଜେକ୍ଟ, ବଲାଙ୍ଗିର -ନୂଆଁ ପଡ଼ା ନୂଆଁ ରେଲୱେ ଲାଇନ ନିର୍ମାଣ ବଜେଟରେ ନାହିଁ ବୋଲି ସେ ଦୁଃଖ ପ୍ରକାଶ କରିଥିଲେ। କେବଳ ଓଡ଼ିଶାର ପ୍ରାକୃତିକ ସମ୍ପଦ ମାଙ୍ଗାନିଜ, ବକ୍ସାଇଟ, କ୍ରୋମାଇଟ, କୋଇଲା, ଆଇରନ ଓର ପାଇଁ ବଜେଟ, ଆଦିବାସୀ ମାନଙ୍କୁ ତାଙ୍କ ଜମି ଜଙ୍ଗଲରୁ ବିସ୍ଥାପିତ କରି ଆଦିବାସୀ ମାନଙ୍କୁ ତାଙ୍କ ଗାଁରୁ ହଟେଇ ଖଣି ଖନନକୁ ବିକାଶ କୁହା ଯାଏ ନାହିଁ । ଆଦିବାସୀଙ୍କୁ ଜଙ୍ଗଲ ଦରକାର । ମଙ୍ଗଳ ଦରକାର ନାହିଁ । ଜଙ୍ଗଲରେ ଆମେ ଠିକ ଅଛୁ ବୋଲି ଶ୍ରୀ ବିଶି କହିଥିଲେ । ପଶ୍ଚିମ ଓଡ଼ିଶାରେ ସବୁଠାରୁ ଭଲ କପା ଚାଷ ହେଉଛି । ସେଠାରେ ପିଏମ ମିତ୍ର ଯୋଜନାରେ ବୃହତ ସମ୍ମନ୍ୱିତ ଲୁଗା କାରଖାନା ପ୍ରତିଷ୍ଠା କଲେ ବହୁତ ଯୁବକ ନିଯୁକ୍ତି ପାଇବେ ବୋଲି ଦାବୀ କରିଥିଲେ। ଓଡିଶା ପାଇଁ କେନ୍ଦ୍ରୀୟ ବଜେଟ ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ ବୋଲି ସାଂସଦ ଶ୍ରୀବିଶି କଟୁ ସମାଲୋଚନା କରିଥିଲେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଭାରତ-ୟୁଏସ୍ ଟ୍ରେଡ୍ ଡିଲ୍‌ରେ ଆମେରିକାର ସାଇଲେଣ୍ଟ ୟୁ-ଟର୍ଣ୍ଣ

ଆମେରିକା ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସହିତ ଜଡିତ ଫ୍ୟାକ୍ଟସିଟକୁ ଚୁପଚାପ୍ ସଂଶୋଧନ କରିଛି । ହ୍ୱାଇଟ୍ ହାଉସ୍ ପକ୍ଷରୁ ଡକ୍ୟୁମେଣ୍ଟ ପ୍ରକାଶିତ ହେବାର ମାତ୍ର ଗୋଟିଏ ଦିନ ପରେ, ଶବ୍ଦ ଏବଂ ଏହାର କିଛି ସର୍ତ୍ତାବଳୀ ପରିବର୍ତ୍ତନ କରାଯାଇଥିଲା। ସବୁଠାରୁ ବଡ଼ ପରିବର୍ତ୍ତନ ଥିଲା ପୂର୍ବରୁ କୁହାଯାଇଥିଲା ଯେ ଭାରତ ୫୦୦ ବିଲିୟନରୁ ଅଧିକ ମୂଲ୍ୟର ଆମେରିକୀୟ ସାମଗ୍ରୀ କ୍ରୟ କରିବାକୁ ପ୍ରତିବଦ୍ଧ । ଏହାକୁ ଏବେ 'କ୍ରୟ କରିବାକୁ ଇଚ୍ଛୁକ' ରେ ପରିବର୍ତ୍ତନ କରାଯାଇଛି । ଏହା ଚୁକ୍ତିନାମାର ଏକ ପ୍ରମୁଖ ଅଂଶକୁ ପ୍ରଭାବିତ କରିଛି । ଭାରତ ଏବଂ ଆମେରିକା ମଧ୍ୟରେ ଏକ ପାରସ୍ପରିକ ଲାଭଦାୟକ ବାଣିଜ୍ୟ ଚୁକ୍ତିର ଢାଞ୍ଚା ପ୍ରକାଶ ପାଇବାର କିଛି ଦିନ ପରେ, ହ୍ୱାଇଟ୍ ହାଉସ୍ ମଙ୍ଗଳବାର ଏକ ତଥ୍ୟପତ୍ର ବା ଫ୍ୟାକ୍ଟସିଟ ପ୍ରକାଶ କରିଛି । ଏଥିରେ କୁହାଯାଇଛି ଯେ ଭାରତ ସମସ୍ତ ଆମେରିକୀୟ ଶିଳ୍ପ ସାମଗ୍ରୀ ଏବଂ ବିଭିନ୍ନ ପ୍ରକାରର ଆମେରିକୀୟ ଖାଦ୍ୟ ଏବଂ କୃଷି ଉତ୍ପାଦ ଉପରେ ଟିକସ ଉଚ୍ଛେଦ କିମ୍ବା ହ୍ରାସ କରିବ । ତଥ୍ୟପତ୍ରର ପୂର୍ବ ସଂସ୍କରଣରେ କୁହାଯାଇଥିଲା, 'ଭାରତ ଅଧିକ ଆମେରିକୀୟ ସାମଗ୍ରୀ କ୍ରୟ କରିବାକୁ ଏବଂ ୫୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ଆମେରିକୀୟ ଶକ୍ତି, ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା, କୃଷି, କୋଇଲା ଏବଂ ଅନ୍ୟାନ୍ୟ ଉତ୍ପାଦ କ୍ରୟ କରିବାକୁ ପ୍ରତିବଦ୍ଧ । ହ୍ୱାଇଟ୍ ହାଉସ୍ ୱେବସାଇଟରେ ଥିବା ନୂଆ ସଂସ୍କରଣରେ 'ପ୍ରତିବଦ୍ଧତା' ଶବ୍ଦକୁ 'ଉଦ୍ଦେଶ୍ୟ ବା ଇଚ୍ଛୁକ' ସହିତ ବଦଳାଇ ଦିଆଯାଇଛି । 'କୃଷି' ଶବ୍ଦକୁ ମଧ୍ୟ ଉତ୍ପାଦ ତାଲିକାରୁ ହଟାଇ ଦିଆଯାଇଛି । ପୂର୍ବ ସଂସ୍କରଣରେ କୁହାଯାଇଥିଲା, 'ଭାରତ ସମସ୍ତ ଆମେରିକୀୟ ଶିଳ୍ପ ସାମଗ୍ରୀ ଏବଂ ବିଭିନ୍ନ ପ୍ରକାରର ଆମେରିକୀୟ ଖାଦ୍ୟ ଏବଂ କୃଷି ଉତ୍ପାଦ, ଯେପରିକି ଶୁଖିଲା ଡିଷ୍ଟିଲର୍ସର ଶସ୍ୟ, ଶୁଖିଲା ଫଳ, ତାଜା ଏବଂ ପ୍ରକ୍ରିୟାକୃତ ଫଳ, କିଛି ଡାଲି, ସୋୟାବିନ୍ ତେଲ, ମଦ ଏବଂ ସ୍ପିରିଟ୍ ଉପରେ ଟିକସ ହଟାଇବ କିମ୍ବା ହ୍ରାସ କରିବ।' ନୂତନ ସଂସ୍କରଣରେ 'ନିର୍ଦ୍ଦିଷ୍ଟ ଡାଲି' ବିଭାଗକୁ ହଟାଇ ଦିଆଯାଇଛି। ଡିଜିଟାଲ୍ ଟିକସ ଉପରେ ମଧ୍ୟ ପରିବର୍ତ୍ତନ ହୋଇଛି । ଅନ୍ୟ ଏକ ବଡ଼ ପରିବର୍ତ୍ତନରେ, ପୂର୍ବ ବିବୃତ୍ତିରେ କୁହାଯାଇଥିଲା ଯେ 'ଭାରତ ଡିଜିଟାଲ୍ ସେବା ଟିକସ ହଟାଇବ' ଏବଂ 'ଡିଜିଟାଲ୍ ବାଣିଜ୍ୟରେ ପ୍ରତିବନ୍ଧକ ଦୂର କରିବା ପାଇଁ ଦୃଢ଼ ନିୟମ ଆଲୋଚନା କରିବାକୁ ପ୍ରତିବଦ୍ଧ।' ନୂଆ ଫ୍ୟାକ୍ଟସିଟ୍‌ରେ ଭାରତ ଡିଜିଟାଲ୍ ସେବା ଟିକସ ହଟାଇବ । ଦୁଇ ଦେଶ ମଧ୍ୟରେ କ'ଣ ନିଷ୍ପତ୍ତି ହୋଇଛି- ଗତ ସପ୍ତାହରେ, ଭାରତ ଏବଂ ଆମେରିକା ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିର ଢାଞ୍ଚା ପ୍ରକାଶ ପାଇଥିଲା । ପ୍ରସ୍ତାବ ଅନୁଯାୟୀ, ଆମେରିକା ଭାରତୀୟ ସାମଗ୍ରୀ ଉପରେ ଟିକସ ୫୦ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରିବ । ବଦଳରେ, ଭାରତ ସମସ୍ତ ଆମେରିକୀୟ ଶିଳ୍ପ ଉତ୍ପାଦ ଏବଂ ବିଭିନ୍ନ ଆମେରିକୀୟ ଖାଦ୍ୟ ଏବଂ କୃଷି ସାମଗ୍ରୀ ଉପରେ ଟିକସକୁ ହଟାଇବ । ଭାରତ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଆମେରିକାରୁ ପ୍ରାୟ ୫୦୦ ବିଲିୟନ ଡଲାର ମୂଲ୍ୟର ଶକ୍ତି ଉତ୍ପାଦ, ବିମାନ ଏବଂ ବିମାନର ଅଂଶ, ମୂଲ୍ୟବାନ ଧାତୁ, ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ ସାମଗ୍ରୀ ଏବଂ କୋକିଂ କୋଇଲା କିଣିବାକୁ ଯୋଜନା କରୁଥିବା ସ୍ଥିର ହୋଇଥିଲା । ଚୁକ୍ତିନାମା ଚୂଡ଼ାନ୍ତ ହେବା ପରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଅଗଷ୍ଟ ମାସରେ ଭାରତ ଉପରେ ଲାଗୁ ହୋଇଥିବା ଅତିରିକ୍ତ ୨୫% ଆମଦାନୀ ଶୁଳ୍କକୁ ପ୍ରତ୍ୟାହାର କରିଥିଲେ କାରଣ ଭାରତ ରୁଷରୁ ତେଲ କିଣୁଥିଲା । ନୂଆଦିଲ୍ଲୀ ଏବଂ ୱାଶିଂଟନ ଚଳିତ ବର୍ଷ ମାର୍ଚ୍ଚ ମଧ୍ୟଭାଗ ସୁଦ୍ଧା ଚୂଡ଼ାନ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି ଜଣାଯାଇଛି।

# ଆହାର ସଚେତନତା, ସାମାଜିକ ସୁସ୍ଥତା



ଡକ୍ଟର ମିହିର ପଟ୍ଟନାୟକ
ମୋ : ୯୪୩୮୩୦୧୫୭୯

ଭାରତୀୟ ସଂସ୍କୃତିରେ 'ସ୍ୱାସ୍ଥ୍ୟହିଁ ସମ୍ପଦ' ବୋଲି କୁହାଯାଇଛି। ଏହି ଅମୂଲ୍ୟ ସମ୍ପଦକୁ ସୁରକ୍ଷିତ ରଖିବା ପାଇଁ ସୁଷମ ଖାଦ୍ୟର ଭୂମିକା ଅନନ୍ୟ। ସୁଷମ ଖାଦ୍ୟ କହିଲେ ଆମେ ସେହି ଖାଦ୍ୟକୁ ବୁଝୁ, ଯେଉଁଥିରେ ଶରୀରର ବୃଦ୍ଧି ଓ ସୁରକ୍ଷା ନିମିତ୍ତ ଆବଶ୍ୟକ ସମସ୍ତ ପୋଷାକ ତତ୍ତ୍ୱ, ଯଥା- ଶ୍ୱେତସାର, ପୃଷ୍ଟିସାର, ସ୍ନେହସାର, ଧାତୁସାର ଓ ଭିଟାମିନ୍ ସଠିକ୍ ପରିମାଣରେ ଉପଲବ୍ଧ ହୋଇଥାଏ। ଖାଦ୍ୟ କେବଳ କ୍ଷୁଧା ନିବାରଣ ପାଇଁ ନୁହେଁ, ବରଂ ଏହା ଶରୀରକୁ ଗତିଶୀଳ ରଖିବା ପାଇଁ ଏକ ଇନ୍ଧନ ସଦୃଶ କାର୍ଯ୍ୟ କରେ। ଏକ ସୁଷମ ଖାଦ୍ୟ ଥାଳିରେ ଶ୍ୱେତସାର ଭାବରେ ଭାତ କିମ୍ବା ରୁଟି ରହିବା ଆବଶ୍ୟକ ଯାହା ଶରୀରକୁ ଦୈନନ୍ଦିନ କାର୍ଯ୍ୟ କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ। ଏହା ସହିତ ଶରୀରର କୋଷ ଗଠନ ଓ ମାଂସପେଶୀର ବିକାଶ ଲାଗି ଡାଲି, କ୍ଷୀର, ଅଣ୍ଡା କିମ୍ବା ସୋୟାବିନ୍ ଭଳି ପୃଷ୍ଟିସାର ଯୁକ୍ତ ଖାଦ୍ୟ ଅତ୍ୟନ୍ତ ଜରୁରୀ। ସ୍ୱଳ୍ପ ପରିମାଣର ଘିଅ କିମ୍ବା ତେଲ ଶରୀରରେ, ଶକ୍ତି ସଞ୍ଚୟ କରି ରଖିବାରେ ସାହାଯ୍ୟ କରେ। ପରନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସବୁଜ ପନିପରିବା ଓ ତାଜା ଫଳ, ଯେଉଁଥିରୁ ଆମେ ବିଭିନ୍ନ ଜୀବସାର ଓ ଧାତୁସାର ପାଇଥାଉ। ଏଗୁଡ଼ିକ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ବିଭିନ୍ନ ସଂକ୍ରମଣରୁ ରକ୍ଷା କରିଥାନ୍ତି। ଏତଦ୍ ବ୍ୟତୀତ ପର୍ଯ୍ୟାପ୍ତ ପରିମାଣର ଜଳ ଏବଂ ତନ୍ତୁଜାତୀୟ ଖାଦ୍ୟ ମଧ୍ୟ ସୁଷମ ଆହାରର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଜଳ ଶରୀରରୁ ବିଷାକ୍ତ ପଦାର୍ଥ ନିଷ୍କାସନ କରିବାରେ ସାହାଯ୍ୟ କରୁଥିବା ବେଳେ ତନ୍ତୁଜାତୀୟ ଖାଦ୍ୟ ହଜମ ପ୍ରକ୍ରିୟାକୁ ସୁଗମ କରିଥାଏ।

ଶରୀର ମଧ୍ୟରେ ସମନ୍ୱିତ ଭାବେ ହେଉଥିବା ଅନେକ ଜୈବ ରାସାୟନିକ ପ୍ରକ୍ରିୟା ଯୋଗୁଁ ଜୀବନର ଗତାନୁଗତିକ ଧାରା ଅବ୍ୟାହତ ରହିଥାଏ। ଏହି ସବୁ ପ୍ରକ୍ରିୟା ଲାଗି ନିରନ୍ତର ଶକ୍ତିର ଆବଶ୍ୟକତା ରହିଛି। ପୁନଶ୍ଚ କୋଷ, ଟିସୁ ତଥା ଅଙ୍ଗପ୍ରତ୍ୟଙ୍ଗର ଗଠନ ଅର୍ଥାତ୍ ଶରୀର ଗଠନ ତଥା ଶରୀରର ବୃଦ୍ଧି ଓ କ୍ଷୟପୁରଣ ବା ମରାମତି ପାଇଁ ବିଭିନ୍ନ ଉପାଦାନ ଆବଶ୍ୟକ। ସୁଷମ ଖାଦ୍ୟ ଏ ସମସ୍ତ ଚାହିଦା ପୂରଣ କରିବାରେ ସହାୟତା କରିଥାଏ। ଶକ୍ତି ଆହରଣ ଓ ଉପାଦାନ ସଂଗ୍ରହ, ପୋଷଣ ମାଧ୍ୟମରେ ସମ୍ପାଦିତ ହୋଇଥାଏ। ସବୁଜ ଉଦ୍ଭିଦ ଆଲୋକବିଶ୍ଳେଷଣ ପ୍ରକ୍ରିୟାରେ ପରିବେଶରୁ ଆବଶ୍ୟକ ପୋଷକ ଗ୍ରହଣ କରି ନିଜସ୍ୱ ଖାଦ୍ୟ ପ୍ରସ୍ତୁତ କରିଥାଏ। କିନ୍ତୁ ଅନ୍ୟ ଜୀବମାନେ ଖାଦ୍ୟ ପାଇଁ ଉଦ୍ଭିଦ ଉପରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନିର୍ଭରଶୀଳ। ସେମାନେ ଉଦ୍ଭିଦ ଦ୍ୱାରା ପ୍ରସ୍ତୁତ ଓ ଗଚ୍ଛିତ ପଦାର୍ଥକୁ ଅଥବା ଅନ୍ୟ ପ୍ରାଣୀମାନଙ୍କୁ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ଖାଦ୍ୟ ସାଧାରଣତଃ ଜଟିଳ ଅବସ୍ଥାରେ ଥାଏ ଓ ଜୀବ ଶରୀର ମଧ୍ୟରେ ଏହା ସରଳ ଉପାଦାନରେ ପରିଣତ ହୋଇ ସମସ୍ତ ଅଙ୍ଗ-ପ୍ରତ୍ୟଙ୍ଗରେ ଉପଲବ୍ଧ ହୋଇଥାଏ। ଏଠାରେ ସରଳ ଖାଦ୍ୟର ଦହନ ବା ଜାରଣ ଘଟି ସେଥିରୁ ଶକ୍ତି ମୋଚିତ ହୋଇଥାଏ, ଯାହା ଏକ ତଥାକଥିତ କ୍ଷୟକାରୀ ପ୍ରକ୍ରିୟା ତଥା 'ଅପଚୟ'ର ଏକ ଉଦାହରଣ। ସେହିପରି ସୁଷମ ଖାଦ୍ୟରୁ ଶରୀର ଗଠନ ନିମିତ୍ତ ଆବଶ୍ୟକ ଉପାଦାନ ସୃଷ୍ଟିହେବା ଏକ ଗଠନମୂଳକ ପ୍ରକ୍ରିୟା ଯାହାକୁ 'ଚୟ' କୁହାଯାଏ। 'ଚୟ' ଓ 'ଅପଚୟ'ର ସମାହାର ହେଉଛି 'ଚୟପଚୟ', ଯାହା ଶରୀର ମଧ୍ୟରେ ସଦାସର୍ବଦା ଚାଲିଥାଏ। ସୁତରାଂ କୌଣସି ଜୀବକୁ ଜୀବନ୍ତ ଓ ସକ୍ରିୟ ରଖିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିରୁ ସ୍ପଷ୍ଟ ହୋଇଥାଏ ଯେ ଜୀବନ ଧାରଣ କରିବା ପାଇଁ ଜୀବର ଖାଦ୍ୟ ଏକାନ୍ତ ଅପରିହାର୍ଯ୍ୟ।

ଖାଦ୍ୟ ଗ୍ରହଣ କରିବାର ଉଦ୍ଦେଶ୍ୟ କେବଳ ଶାରିରିକ ଶକ୍ତି ତଥା ଆୟୁଷ ବୃଦ୍ଧି କରିବା ନୁହେଁ; ପରନ୍ତୁ ମନକୁ ବିଶୁଦ୍ଧ କରିବା ପାଇଁ ଏହାର ଭୂମିକା ଅନସ୍ୱୀକାର୍ଯ୍ୟ। ମନ ଓ ଶରୀର ପରସ୍ପର ଦ୍ୱାରା ପ୍ରଭାବିତ ହୋଇଥାନ୍ତି। ବ୍ୟକ୍ତି ଗ୍ରହଣ କରୁଥିବା ଖାଦ୍ୟ ତାର ସ୍ୱଭାବକୁ ପ୍ରଭାବିତ କରେ ଓ ସ୍ୱଭାବ ତାର ଆଚରଣକୁ ପ୍ରଭାବିତ କରିଥାଏ। ଛାନ୍ଦୋଗ୍ୟ ଉପନିଷଦ୍ (୬,୫,୧) ଅନୁଯାୟୀ ଆମେ ଖାଉଥିବା ଖାଦ୍ୟର ସୂକ୍ଷ୍ମତମ ଅଂଶ ଦ୍ୱାରା ମନ ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ଏହା ପୁନଶ୍ଚ କହିଥାଏ ଯେ (୭,୨୬,୨) "ଆହାର ଶୁଦ୍ଧୌ ସତ୍ତ୍ୱ ଶୁଦ୍ଧିଃ", ଅର୍ଥାତ୍ ଶୁଦ୍ଧ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ମନ ଶୁଦ୍ଧ ହୋଇଥାଏ। ପ୍ରକାରାନ୍ତରେ ଶୁଦ୍ଧ ମନଯୁକ୍ତ ବ୍ୟକ୍ତି ଶୁଦ୍ଧ ଖାଦ୍ୟ ଗ୍ରହଣ କରିବାକୁ ଆଗ୍ରହୀ ହୋଇଥାନ୍ତି।

ସାତ୍ତ୍ୱିକ ଗୁଣଯୁକ୍ତ ବ୍ୟକ୍ତିମାନେ ସେହି ପ୍ରକାର ଖାଦ୍ୟକୁ ପସନ୍ଦ କରନ୍ତି, ଯାହା ଜୀବନର ଅବଧି ବଢ଼ାଇବା ସହିତ ଶକ୍ତି, ସ୍ୱାସ୍ଥ୍ୟ, ସଦ୍‌ଗୁଣ ଓ ସନ୍ତୋଷ ବୃଦ୍ଧି ପୂର୍ବକ ଆନନ୍ଦ ପ୍ରଦାନ କରିଥାଏ। ଏହି ସବୁ ଖାଦ୍ୟ ନରମ, ରସଯୁକ୍ତ, ପୌଷ୍ଟିକ ତଥା ପ୍ରାକୃତିକ ଭାବେ ସ୍ୱାଦିଷ୍ଟ ଅଟନ୍ତି। ଯେଉଁ ଖାଦ୍ୟ ଅତ୍ୟନ୍ତ ପିତା, ଅଟା, ଲବଣାକ୍ତ, ଗରମ, ଶୁଷ୍କ ଓ ଉତ୍କଟ ରାଗ ତାହା ରଜୋଗୁଣ ବିଶିଷ୍ଟ ବ୍ୟକ୍ତିମାନଙ୍କର ପ୍ରିୟ ଖାଦ୍ୟ। ଏହି ସବୁ ଖାଦ୍ୟ ଦୁଃଖ, ଶୋକ ଓ ରୋଗପ୍ରଦ ଅଟେ। ବାସି, ସ୍ୱାଦହୀନ, ଦୁର୍ଗନ୍ଧମୟ, ଦୂଷିତ, ଉଚ୍ଛିଷ୍ଟ, ଅପମିଶ୍ରିତ ଏବଂ ଅଶୁଦ୍ଧ ଖାଦ୍ୟ ତମୋଗୁଣ ବିଶିଷ୍ଟ ବ୍ୟକ୍ତିମାନଙ୍କର ପ୍ରିୟ ଅଟେ। (ଶ୍ରୀମଦ୍ ଭଗବଦ୍ ଗୀତା ଶ୍ଳୋକ ୧୭.୮-୧୦)। ସାଧାରଣତଃ ଖାଦ୍ୟ ଦ୍ୱାରା ବ୍ୟକ୍ତି ଶରୀରରେ ବାହ୍ୟ ଗୁଣ ପ୍ରବେଶ କରି ମାନସିକ ସ୍ତରରେ ଆଧିପତ୍ୟ ବିସ୍ତାର କରିଥାଏ। ତେଣୁ ଖାଦ୍ୟର ପ୍ରିୟ ଅପ୍ରିୟ ଦୃଷ୍ଟିକୋଣରୁ କୌଣସି ବ୍ୟକ୍ତିର ଗୁଣ ଓ ସ୍ୱଭାବକୁ ଅତି ଶୀଘ୍ର ପରୀକ୍ଷା କରାଯାଇପାରିବ।

ପ୍ରକୃତି ମନୁଷ୍ୟର ଶରୀରକୁ ଶାକାହାର ଅନୁକୂଳ କରି ଗଠନ କରିଛି। ମନୁଷ୍ୟମାନଙ୍କର ମୁଖରେ ଲମ୍ବ ତୀକ୍ଷ୍ଣ ଶ୍ୱାନ ଦନ୍ତ ନାହିଁ ବା ଚଉଡ଼ା ହନୁହାଡ଼ ମଧ୍ୟ ନାହିଁ। ଉଦ୍ଭିଦ ଜାତ ଖାଦ୍ୟକୁ ଧିରେ ଧିରେ ଏବଂ ଭଲ ଭାବରେ ହଜମ କରିବାକୁ ମନୁଷ୍ୟମାନଙ୍କର ଏକ ଦୀର୍ଘ ପାଚନତନ୍ତ୍ର ରହିଛି। ମନୁଷ୍ୟମାନେ ଚର୍ମ ଦ୍ୱାରା ସ୍ୱେଦ ନିର୍ଗମନ କରି ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବା ସହିତ ଜଳକୁ ଶୋଷି ଶୋଷି ପାନ କରିଥାନ୍ତି। ଏହିସବୁ ଶାରୀରିକ ଲକ୍ଷଣ ମନୁଷ୍ୟକୁ ଶାକାହାରୀ ଭାବରେ ପ୍ରତିପାଦିତ କରିଥାଏ। ମନୁଷ୍ୟ ପାଇଁ ମାଂସହାର ବା ଆମିଷ ଭକ୍ଷଣ ଅଶୁଦ୍ଧ ଓ ବର୍ଜନୀୟ ଅଟେ।

ଏତଦ୍ ବ୍ୟତୀତ ଖାଦ୍ୟ କାହାଠାରୁ ଗ୍ରହଣ କରାଗଲା, କିଏ କେଉଁ ପରିସ୍ଥିତିରେ ଓ ପରିବେଶରେ ରନ୍ଧନ କଲା, କେଉଁ ଉପାୟରେ ଅର୍ଜିତ ଧନରେ ଖାଦ୍ୟ ପ୍ରସ୍ତୁତ କରାଗଲା, ଆଦି ସମସ୍ତ ବ୍ୟବସ୍ଥା ଖାଦ୍ୟର ଗୁଣବତ୍ତାକୁ ନିୟନ୍ତ୍ରଣ କରିଥାଏ। ଦେବା ଉପରେ ନିର୍ଭର କରି ଖାଦ୍ୟ ଭୋକ୍ତା ଉପରେ ପ୍ରଭାବ ପକାଇଥାଏ। ଏହିସବୁ ଦୃଷ୍ଟିକୋଣରୁ ଭାରତୀୟ ସଂସ୍କୃତିରେ ଖାଦ୍ୟର ଗୁରୁତ୍ୱ ଅଧିକ। ଯେ କୌଣସି ବ୍ୟକ୍ତିଠାରୁ ଖାଦ୍ୟ ଗ୍ରହଣ କରିବା ଓ ଯେଉଁଠି ସେଇଠି ଯେଉଁଳି ସେଉଳି ଖାଦ୍ୟକୁ ଖାଇନେବା, ଗୁଣ ଭୁକ୍ ଗୁଣ ସଂକ୍ରମଣ ଦୃଷ୍ଟିରୁ ବାରଣ କରାଯାଇଛି। ଆୟୁର୍ବେଦର ଦର୍ଶନାନୁଯାୟୀ-ହିତଭୁକ୍, ଶିତଭୁକ୍ ଓ ଋତୁଭୁକ୍। ପୁନଶ୍ଚ ମନୁସ୍ମୃତି (୪.୨୦୫-୨୧୭) କହିଥାଏ- ଯେଉଁମାନେ ମାନସିକ ତଥା ଶାରିରୀକ ସ୍ତରରେ ରୋଗଗ୍ରସ୍ତ ବା ଚାରିତ୍ରିକ ଓ ସାମାଜିକ ଦୃଷ୍ଟିକୋଣରୁ ନ୍ୟୁନ କିମ୍ବା ସେମାନଙ୍କର ବୃତ୍ତି ଓ ଧନ ଅର୍ଜନ ଶୁଦ୍ଧ ନୁହେଁ, ସେହିଭଳି ପଞ୍ଚାଳିଶି ବ୍ୟକ୍ତିଙ୍କ ଠାରୁ ଖାଦ୍ୟ ଗ୍ରହଣ କରିବା ଅନୁଚିତ।

ଶରୀରକୁ ସୁସ୍ଥ ରଖିବା ଏବଂ ଶକ୍ତିଶାଳୀ କରିବା ପାଇଁ ଖାଦ୍ୟ ଏକାନ୍ତ ଅପରିହାର୍ଯ୍ୟ। ତେଣୁ ଭୋଜନର ଉଦ୍ଦେଶ୍ୟ ଜିହ୍ୱାର ଆନନ୍ଦ ପାଇଁ ନୁହେଁ, ପରନ୍ତୁ ଶରୀର ରୂପକ ମନ୍ଦିରକୁ ପରିପୁଷ୍ଟ ସତଚେତନା ଯୁକ୍ତ କରିବା। ତେଣୁ ପୁରାତନ ପ୍ରବାଦ "ବଞ୍ଚିବାକୁ ଖାଅ, ଖାଇବାକୁ ବଞ୍ଚ ନାହିଁ", ସାଂପ୍ରତିକ ସମାଜରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଦ୍ୱାରା ପାଳନୀୟ ହେବା ଅତ୍ୟନ୍ତ ଜରୁରୀ। ତେଣୁ ଜ୍ଞାନୀମାନେ ସେହି ଖାଦ୍ୟ ଗ୍ରହଣ କରନ୍ତି, ଯାହା ସାତ୍ତ୍ୱିକ, ସ୍ୱାସ୍ଥ୍ୟ ପାଇଁ ହିତକର ଓ ମନକୁ ଶାନ୍ତ ରଖିଥାଏ।

# ସାନ୍ତାଳ ବିଦ୍ରୋହର ମହାନାୟକ-ତିଲକା ମାଝୀ



ଦଶରଥ ହେମ୍ବ୍ରମ୍
ବାଲେଶ୍ୱର,
ମୋ -୯୩୩୭୪୦୪୨୫୪

ଇଂଲଣ୍ଡ ମହାରାଣୀ ଏଲିଜାବେଥ୍-୧ଙ୍କ ନିର୍ଦ୍ଦେଶରେ ରବର୍ଟ କ୍ଲାଇବଙ୍କୁ ବଙ୍ଗର ପ୍ରଥମ ଗଭର୍ଣ୍ଣର କରାଗଲା। ରାଜାଙ୍କଦ୍ୱାରା ଶାସିତ ଅଞ୍ଚଳକୁ କିପରି ନିଜ ଅଧୀନରେ ଆଣି କମ୍ପାନୀ ବ୍ୟବସାୟୀ ସାମ୍ରାଜ୍ୟକୁ ବୃହତ ସଂପ୍ରସାରଣ କରିବା ଲକ୍ଷ୍ୟ ରଖି ୧୭୫୭ରେ ପଲାସୀ ଓ ୧୭୬୪ରେ ବକ୍ସାର ଯୁଦ୍ଧ ହେଲା ଏବଂ ତତ୍କାଳୀନ ରାଜାଙ୍କୁ ପରାସ୍ତ କରି ବଙ୍ଗରେ ଥିବା ବିଭିନ୍ନ ଅଞ୍ଚଳ ଇଂରେଜ ଅକ୍ତିଆରକୁ ଚାଲିଆସିଲା। ପରେ ଇଂରେଜମାନେ 'କମ୍ପାନୀ କାଉନସିଲ ଅଫ ବେଙ୍ଗଲ' ପ୍ରତିଷ୍ଠା କରିବା ସହଜ ହେଲା। ପରବର୍ତ୍ତୀ ସମୟରେ ଭାରତୀୟ ବ୍ୟାପାରରେ ଏହା ଏକ ପ୍ରମୁଖ ଅଂଶ ଗ୍ରହଣକାରୀ ଭାବରେ ଜନ୍ମ ନେଇଥିଲା। ରୋବର୍ଟ କ୍ଲାଇବଙ୍କ ଏହିଭଳି ଦୁଃସାହସିକ କାର୍ଯ୍ୟ ଦକ୍ଷତା ଦେଖି ଦ୍ୱିତୀୟ ଥର ପାଇଁ କ୍ଲାଇବଙ୍କୁ ୧୭୬୪ ରୁ ୧୭୬୭ ମସିହା ଯାଏଁ Bengal Presidency ରେ Governor ଭାବେ ନିଯୁକ୍ତି ଦିଆଗଲା। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବଙ୍ଗ ଅଧୀନରେ ଥିବା ସମସ୍ତ ଅଞ୍ଚଳରେ ରାଜସ୍ୱ ଆଦାୟ ଅଧିକାରୀ ଲାଗୁ କରାଗଲା। ସେହି ସମୟରେ Warren Hastings Company's Council of Bengal କୁ ପ୍ରତିନିଧିତ୍ୱ କରୁଥିଲେ। କିନ୍ତୁ Warren Hastings କୌଣସି କାରଣରୁ ଚାକିରି ଛାଡ଼ି ଲଣ୍ଡନକୁ ଫେରି ଯାଇଥିଲେ। ଇଂଲଣ୍ଡ ମହାରାଣୀଙ୍କ ଆଦେଶ ଖିଲାପ ନକରି ପୁଣିଥରେ ସେ ୧୭୬୯ରେ ଲଣ୍ଡନରୁ ଆସି Madras Presidencyରେ ଯୋଗ ଦେଲେ। ସେତେବେଳେ ବିହାର ପ୍ରଦେଶର ଛୋଟନାଗପୁର ଏବଂ ସାନ୍ତାଳ ପ୍ରଗଣାକୁ Bengal Presidency ସହିତ ମିଶାଇ ଦିଆଯାଇଥିଲା। ସରକାରୀ ନିୟମ ଅନୁସାରେ ଯେଉଁମାନେ ଜଙ୍ଗଲ ଜମି ବ୍ୟବହାର କରିବେ ସେମାନେ ସରକାରଙ୍କୁ ରାଜସ୍ୱ ଭରଣ କରିବେ। ରାଜସ୍ୱ ଆଦାୟ କରିବା ପାଇଁ ସ୍ୱତନ୍ତ୍ର ଜମିଦାରଙ୍କୁ ନିଯୁକ୍ତି କରାଗଲା। ଇଷ୍ଟ ଇଣ୍ଡିଆ କଂପାନୀ ଏହି ଜମିଦାର ଗୋଷ୍ଠୀଙ୍କ ସହାୟତାରେ ରାଜସ୍ୱ ଅନାଦେୟ ବାବଦକୁ କ୍ରମଶଃ ଆଦିବାସୀଙ୍କର ଜମିକୁ ଜବରଦଖଲ ଫଳରେ କମ୍ପାନୀ କବଜାକୁ ଆସିଲା। ସମ୍ପତ୍ତି ସମ୍ବନ୍ଧିତ ନୂତନ ନିୟମ ଓ ଭୂ-ରାଜସ୍ୱ ଆଇନ ପ୍ରଣୟନ ହେବା ପରେ ଆଦିବାସୀ ଭୂମିଗୁଡ଼ିକ ବିକ୍ରିଯୋଗ୍ୟ କରାଗଲା। ଭୂମିର ବ୍ୟକ୍ତିଗତ ମାଲିକାନାକୁ ପ୍ରଦାନ କରାଗଲା କିନ୍ତୁ ଚାଷୀଙ୍କଠୁ ଅଧିକରରୁ ଅଧିକ ଖଜଣା ଆଦାୟ କରାଗଲା। ମାତ୍ର ଯେଉଁମାନେ ଭୂ-ରାଜସ୍ୱ ଖଜଣା ଦେଲେ ନାହିଁ ସେମାନଙ୍କଠୁ ଜବରଦସ୍ତ ଜମିକୁ ଛଡ଼ାଇ ନିଆଗଲା। ଆଦିବାସୀଙ୍କ ପାରମ୍ପରିକ ନୀତିନିୟମକୁ ଉଚ୍ଛେଦ କରି ଦିଆଗଲା। ଇଂରେଜମାନଙ୍କ ଏଭଳି ବେନିୟମ ଏବଂ କୁଶାସନ ବିରୋଧରେ ସାନ୍ତାଳ ଆଦିବାସୀମାନେ ପ୍ରଥମ ସ୍ୱର ଉତ୍ତୋଳନ କରି 'ସାନ୍ତାଳ ବିଦ୍ରୋହ' ମୁଣ୍ଡ ଟେକିଥିଲା। ଏହାର ନେତୃତ୍ୱ ନେଲେ ବାବା ତିଲକା ମାଝୀ।

ବାବା ତିଲକା ମାଝୀ ବିହାର ରାଜ୍ୟ (ଅଧୁନା ଝାଡ଼ଖଣ୍ଡ)ରେ ଥିବା ସୁଲତାନଗଞ୍ଜ ଜିଲ୍ଲା ଅନ୍ତର୍ଗତ ତିଲକପୁର ଗ୍ରାମରେ ଫେବୃଆରୀ ୧୧ ତାରିଖ ୧୭୫୦ରେ ଜନ୍ମଗ୍ରହଣ କରିଥିଲେ। ପିତା ସୁନ୍ଦୁରା ମାଝୀ ଥିଲେ ଗ୍ରାମର ମୁଖିଆ। ଜ୍ୟେଷ୍ଠ ସନ୍ତାନ ଥିବାରୁ ପିତାଙ୍କୁ ସାହାଯ୍ୟ କରିବା ପାଇଁ ସେହି ଗାଁର ଜଗ-ମାଝୀ ପଦବୀରେ ଦାୟିତ୍ୱ ଅର୍ପଣ କରାଗଲା। ସେହିଦିନଠାରୁ ତିଲକା ମାଝୀଙ୍କର ମନ ମଜଭୁତ ହେଲା, ଖୁବ ଚତୁର ଓ ଅଦମ୍ୟ ସାହସ ପାଇଲେ। କ୍ରୀଡ଼ା କସରତରେ ତାଙ୍କୁ କେହି ପରାଜିତ କରିପାରି ନଥିଲେ। ବଡ଼ ହେଲା ପରେ ତାଙ୍କ ପିତାଙ୍କ ପଦବୀରେ ରହି ଗାଁର ସବୁ ଦାୟିତ୍ୱ ସଠିକ ଭାବେ ସମ୍ପାଦନା କରିଥିଲେ। ସେତେବେଳେ ଇଂରେଜ ଶାସନ ଚାଲିଥାଏ। ଜନସାଧାରଣଙ୍କୁ ବହୁତ ହଇରାଣ, ହରକତ କରୁଥିଲେ। ଲୋକମାନଙ୍କର ବଞ୍ଚିବାର ଅଧିକାରକୁ ଇଂରେଜମାନେ ସଂପୂର୍ଣ୍ଣ ଛଡ଼େଇ ନେଇ ଯାଉଥିଲେ। ଅତ୍ୟଧିକ ଭୂ-ରାଜସ୍ୱ ଆଦାୟ କରିବା ସହିତ ଲୋକମାନଙ୍କୁ ସରକାରୀ କାମରେ ବେଠି ଲଗାଉଥିଲେ। ଯିଏ ଏହାକୁ ପ୍ରତିବାଦ କଲେ, ତାଙ୍କ ବିରୋଧରେ କୋର୍ଟ କଚେରୀରେ ମକଦ୍ଦମା କରି ଦୋଷୀ ସାବ୍ୟସ୍ତ କରାଯାଉଥିଲା। ଏହି ସମୟରେ ଅର୍ଥାତ ୧୭୭୦ରେ କରାଳ ଦୁର୍ଭିକ୍ଷ ସମଗ୍ର ଅଞ୍ଚଳକୁ ଗ୍ରାସ କରିଗଲା। ଭୋକ ଦାଉରୁ ଜନସାଧାରଣଙ୍କୁ ବଞ୍ଚାଇବାକୁ ଯାଇ ୧୭୬୯ରୁ ୧୭୭୩ ଭିତରେ ତିଲକା ମାଝୀ ଇଂରେଜ ବିରୋଧରେ ସଂଗ୍ରାମ କରିବା ପାଇଁ ରଣକ୍ଷେତ୍ରକୁ ଓହ୍ଲାଇ ଆସିଲେ। ସେଦିନଠାରୁ ତିଲକା ମାଝୀ ସମସ୍ତଙ୍କର 'ବାବା' ହୋଇଗଲେ ଏବଂ ଇଂରେଜ ବିରୋଧି ବିଦ୍ରୋହର ମହାନାୟକ ଭାବେ ଉଭା ହେଲେ।

ବେଙ୍ଗଲ ପ୍ରେସିଡେନ୍‌ସିର ବିହାରର ଭାଗଲପୁରଠାରେ ସରକାରୀ ତହବିଲ ଥିଲା। ୧୭୭୧ରେ Warren Hastings Governor ଭାବେ ଦ୍ୱାୟିତ୍ୱ ଗ୍ରହଣ କରିବା ପରେ ୧୭୭୨ରେ ତିଲକା ମାଝୀ ଭାଗଲପୁର ଟ୍ରେଜାରୀ ଲୁଟ୍ କରି ସେହି ଅର୍ଥ ଜନସାଧାରଣଙ୍କୁ ବାଣ୍ଟିଦେଲେ। ତିଲକା ମାଝୀଙ୍କ ନାମରେ ଗିରଫ ପରୱାନା ଜାରି କରାଗଲା। ତାଙ୍କୁ ଧରିବା ପାଇଁ ଇଂରେଜ ସିପାହୀ ଚାରିଆଡ଼େ ଛାଉଣି ହେଲେ। ଏହା ସତ୍ତ୍ୱେ, ୧୭୭୮ରେ ରାମଗଡ଼ କେଣ୍ଟନ୍‌ମେଣ୍ଟର ପଞ୍ଜାବ ରେଜିମେଣ୍ଟ କମ୍ପାନୀ ଉପରେ ଆକ୍ରମଣ କରି ସେହି ଅଞ୍ଚଳକୁ ନିଜ ଅକ୍ତିଆର କରିନେଲେ। ପାରମ୍ପରିକ ଧନୁ ତୀର, ବର୍ଚ୍ଛା ସାମ୍ନାରେ ଇଂରେଜ ସରକାରଙ୍କ ଗୁଳି ବନ୍ଧୁକ ଅକାମୀ ହେଲା। ଇଂରେଜମାନେ ନାକେଦମ ହୋଇଗଲେ। ତାଙ୍କୁ ଧରିବା ପାଇଁ ଇଂରେଜ ସରକାର ଘନଘନ ବୈଠକ ଡକାଇ ବସିଲା। ନିଷ୍ପତ୍ତି ଅନୁସାରେ ୮୦୦ ଶକ୍ତିଶାଳୀ ସେନା ନେଇ ଏକ ସ୍ୱତନ୍ତ୍ର ଦଳ ଗଠନ କରାଗଲା। ଏହାର ଦାୟିତ୍ୱ ନେଲେ Captain Robert Bruck। ସେ ମାତ୍ର ଦୁଇବର୍ଷ ରହିବା ପରେ ଦାୟିତ୍ୱରୁ ଇସ୍ତଫା ନେଲେ। ଏହାପରେ ୧୭୭୩ରେ Major Jems Brownଙ୍କୁ ଦାୟିତ୍ୱ ଦିଆଗଲା। ପାଞ୍ଚ ବର୍ଷ ଦାୟିତ୍ୱରେ ରହିବା ପରେ ସେ ମଧ୍ୟ ଇସ୍ତଫା ଦେଲେ। ୧୭୭୯ରେ ଯୁବ Collector, Augustus Clevelandଙ୍କ ହାତରେ ଦାୟିତ୍ୱ ନ୍ୟସ୍ତ କରାଗଲା। ଦୀର୍ଘ ୧୦ ବର୍ଷ ବିତି ଯାଇଥିଲା। ଯୁବ Collector, Augustus Clevelandଙ୍କୁ ଜଣାଥିଲା ଯେ, ଆଦିବାସୀଙ୍କୁ ପ୍ରଲୋଭିତ କରିବା ଏତେ ସହଜ ନୁହଁ, ତଥାପି ତିଲକା ମାଝୀଙ୍କୁ ଗିରଫ କରିବା ପାଇଁ ଶକ୍ତ ଯୋଜନା ପ୍ରସ୍ତୁତ ହେଲା। ଇତିମଧ୍ୟରେ ୧୭୮୪ ମସିହା ଜାନୁଆରୀ ୧୩ ତାରିଖରେ ତିଲକା ମାଝୀ ତାଙ୍କ ସହଯୋଗୀଙ୍କୁ ନେଇ ଭାଗଲପୁର ଆକ୍ରମଣ କଲେ। ତିଲକା ମାଝୀଙ୍କ ତୀରଭେଦରେ ଯୁବ କଲେକ୍ଟର Augustus Cleveland ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ୧୭୮୪ରେ ଲେଫ୍ଟନାଣ୍ଟ ଜେନେରାଲ ଏରି କୁଟଙ୍କୁ ଦାୟିତ୍ୱ ସମର୍ପଣ କରି ବିସ୍ତୃତ ସାମରିକ ଯୋଜନା କରାଗଲା। ତିଲକା ମାଝୀଙ୍କୁ ଧରିବାରେ ଇଂରେଜ ସେନା ସଫଳ ହେଲେ। ୧୭୮୫ ମସିହା ଜାନୁଆରୀ ୧୩ ତାରିଖରେ ସର୍ବ ସମ୍ମୁଖରେ ମୁକ୍ତ ପ୍ରାଙ୍ଗଣରେ ଥିବା ଦୁଇଟି ବିରାଟ ବଟ ବୃକ୍ଷରେ ଦୁଇ ହାତ ଗୋଡ଼ ବାନ୍ଧି ଫାଶୀ ଦେଇ ଶରୀରକୁ ଦି-ଫାଳ କରି ଦିଆଗଲା। ଏହିପରି ଭାବରେ ସାନ୍ତାଳ ବିଦ୍ରୋହର ମହାନାୟକ ତିଲକା ମାଝୀଙ୍କ ଇଂରେଜ ବିରୋଧୀ ବିଦ୍ରୋହ ପତନ ହୋଇଥିଲା।

# ସାଇବାବାଙ୍କ ଦିବ୍ୟ ଜୀବନ: ତ୍ୟାଗରେ ଜଗତକୁ ଦେଇଛନ୍ତି ଏକତାର ସନ୍ଦେଶ



ଅର୍ଚ୍ଚିତା ଦାଶ
ଜଗନ୍ନାଥ ବିହାର, ନୂଆଗାଁ

ଶିରିଡିର ସାଇବାବାଙ୍କ ଜୀବନ କୌଣସି ସାଧାରଣ ମାନବ ଜୀବନ ନୁହେଁ, ବରଂ ଏହା ଥିଲା ମାନବତା ପାଇଁ ଦିବ୍ୟ ଦୟାର ଏକ ନିରବ ଅବତାର। ତାଙ୍କ ଜନ୍ମ ସମ୍ପର୍କରେ ସ୍ପଷ୍ଟ ଐତିହାସିକ ତଥ୍ୟ ମିଳେ ନାହିଁ, କିନ୍ତୁ ଏହି ଅଜଣାପଣ ହିଁ ତାଙ୍କ ଜୀବନର ଦିବ୍ୟତାକୁ ଆହୁରି ଗଭୀର କରିଛି। ସେ କେଉଁଠୁ ଆସିଲେ, କେଉଁଠି ଜନ୍ମ ନେଲେ, କେଉଁ ଧର୍ମର ଥିଲେ — ଏସବୁ ପ୍ରଶ୍ନକୁ ସେ ନିଜ ଜୀବନ ଦ୍ୱାରା ଅର୍ଥହୀନ କରିଦେଲେ, କାରଣ ସେ ନିଜେ ଏହା ପ୍ରମାଣ କଲେ ଯେ ମଣିଷର ପରିଚୟ ତାଙ୍କ ଜନ୍ମ କିମ୍ବା ଧର୍ମରେ ନୁହେଁ, ବରଂ ତାଙ୍କ କର୍ମ, କରୁଣା ଓ ପ୍ରେମରେ ଥାଏ।

ଯୁବାବସ୍ଥାରେ ସାଇବାବା ଶିର୍ଡି ଗାଁରେ ଆସି ପହଞ୍ଚିଲେ ଓ ଏକ ନିରବ, ଗଭୀର ଧ୍ୟାନମଗ୍ନ ଫକିର ଭାବେ ଗାଁବାସୀଙ୍କ ଦୃଷ୍ଟିକୁ ଆକର୍ଷିତ କଲେ। ଆରମ୍ଭରେ ଲୋକମାନେ ତାଙ୍କୁ ବୁଝିପାରିଲେ ନାହିଁ। କେହି ତାଙ୍କୁ ପାଗଳ ଭାବେ ଦେଖିଲେ, କେହି ଅସାଧାରଣ ଫକିର ଭାବେ ଦେଖିଲେ, କିନ୍ତୁ ସେ ନିଜ ନିରବତା, ଧୈର୍ଯ୍ୟ ଓ ସହନଶୀଳତା ଦ୍ୱାରା ସମସ୍ତ ଅପମାନକୁ ସହିଗଲେ। ସେ ଏକ ଭଙ୍ଗା ମସଜିଦରେ ରହିଲେ, ଯେଉଁଠାରେ ଧୂନି ଜଳାଇ ଧ୍ୟାନ କରୁଥିଲେ। ସେଇ ଧୂନି କେବଳ ନିଆଁ ନୁହେଁ, ବରଂ ତାହା ଥିଲା ତାଙ୍କ ଜୀବନର ପ୍ରତୀକ, ଯାହା ଅହଂକାର, ଦ୍ୱେଷ ଓ ଅଜ୍ଞାନକୁ ଜଳାଇ ମାନବତାକୁ ପବିତ୍ର କରୁଥିଲା।

ଶିରିଡିରେ ରହିବା ସମୟରେ ସାଇବାବା ଅତ୍ୟନ୍ତ ସରଳ ଓ କଠୋର ଜୀବନ ଯାପନ କରିଥିଲେ। ସେ ଦିନକୁ ଦିନ ଭିକ୍ଷା ମାଗି ଖାଉଥିଲେ, ମିଳିଥିବା ଖାଦ୍ୟକୁ ଅନ୍ୟମାନଙ୍କ ସହ ବାଣ୍ଟି ଦେଉଥିଲେ ଓ ନିଜ ପାଇଁ କିଛି ରଖୁନଥିଲେ। ତାଙ୍କ ପୋଷାକ ଫଟା ଥିଲା, ଶରୀର ଧୂଳିରେ ଭରି ଥିଲା, କିନ୍ତୁ ତାଙ୍କ ଚକ୍ଷୁରେ ଏମିତି ଦିବ୍ୟ ଶାନ୍ତି ଥିଲା, ଯାହା ଯେକୌଣସି ଦୁଃଖୀ ମନକୁ ଶାନ୍ତ କରିଦେଉଥିଲା। ସେ ନିଜ ଦୁଃଖ କିମ୍ବା କଷ୍ଟ ବିଷୟରେ କେବେ କଥା କହୁନଥିଲେ, କିନ୍ତୁ ଅନ୍ୟମାନଙ୍କ ଦୁଃଖ ତାଙ୍କ ହୃଦୟକୁ ଗଭୀରଭାବେ ସ୍ପର୍ଶ କରୁଥିଲା।

ଧୀରେ ଧୀରେ ଗାଁବାସୀମାନେ ଅନୁଭବ କରିଲେ ଯେ ଏହି ଫକିର ସାଧାରଣ ନୁହେଁ। ରୋଗୀମାନେ ତାଙ୍କ ସାନ୍ନିଧ୍ୟରେ ସାନ୍ତ୍ୱନା ପାଇଲେ, ଦୁଃଖୀମାନେ ଆଶା ଦେଖିଲେ ଓ ଭ୍ରମିତମାନେ ପଥ ପାଇଲେ। ସାଇବାବା କେବେ ନିଜକୁ ଭଗବାନ୍ ବୋଲି ଘୋଷଣା କଲେ ନାହିଁ, କିନ୍ତୁ ତାଙ୍କ କାର୍ଯ୍ୟ ଓ କରୁଣା ଲୋକମାନଙ୍କୁ ଅନୁଭବ କରାଇଲା ଯେ ସେ ଦିବ୍ୟ ଶକ୍ତିର ଏକ ମାଧ୍ୟମ। ସେ ସବୁବେଳେ କହୁଥିଲେ ଯେ ଈଶ୍ୱର ଏକ, ଏବଂ ସେଇ ଏକ ଈଶ୍ୱର ସମସ୍ତଙ୍କ ହୃଦୟରେ ବସନ୍ତି।

ସାଇବାବାଙ୍କ ଜୀବନର ସବୁଠାରୁ ବଡ଼ ବିଶେଷତା ଥିଲା ସମତା। ସେ କେବେ ଧର୍ମ, ଜାତି, ଧନ କିମ୍ବା ପଦବୀ ଆଧାରରେ ମଣିଷକୁ ବିଭକ୍ତ କରିନଥିଲେ। ହିନ୍ଦୁ ଓ ମୁସଲିମ ଭକ୍ତମାନେ ତାଙ୍କ ପାଖରେ ସମାନ ଭାବେ ବସୁଥିଲେ। ସେ କେବେ କୋରାନର କଥା କହୁଥିଲେ, କେବେ ରାମ ଓ କୃଷ୍ଣଙ୍କ ନାମ ଉଚ୍ଚାରଣ କରୁଥିଲେ ଏବଂ ଏହା ମାଧ୍ୟମରେ ସେ ପ୍ରମାଣ କରୁଥିଲେ ଯେ ଧର୍ମ ଭିନ୍ନ ହୋଇପାରେ, କିନ୍ତୁ ସତ୍ୟ ଏକ। ତାଙ୍କ ଜୀବନ ଏକ ସେତୁ ଥିଲା, ଯାହା ଧର୍ମୀୟ ଭେଦଭାବକୁ ଭାଙ୍ଗି ଏକତାକୁ ସ୍ଥାପିତ କରିଥିଲା।

ଜୀବନର ସମ୍ପୂର୍ଣ୍ଣ ଅବଧିରେ ସାଇବାବା ଅପାର ତ୍ୟାଗ କରିଥିଲେ। ସେ ଶାରିରିକ ବେଦନା, ରୋଗ ଓ କଷ୍ଟକୁ ନିରବତାରେ ସହିଥିଲେ। ଅନେକ ଭକ୍ତଙ୍କ ବିଶ୍ୱାସ ଥିଲା ଯେ ସେ ଅନ୍ୟମାନଙ୍କ ଦୁଃଖ ଓ କର୍ମଫଳକୁ ନିଜ ଶରୀରରେ ଧାରଣ କରୁଥିଲେ, ଯାହା ମାଧ୍ୟମରେ ସେମାନଙ୍କୁ ମୁକ୍ତି ଓ ଶାନ୍ତି ଦେଉଥିଲେ। ତାଙ୍କ ଶେଷ ସମୟରେ ମଧ୍ୟ ସେ ଭକ୍ତମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ସେ କେବେ ତାଙ୍କୁ ଛାଡ଼ିବେ ନାହିଁ, ଦେହ ଥାଉ କି ନଥାଉ, ସେ ସଦା ସାନ୍ନିଧ୍ୟରେ ରହିବେ।

ସାଇବାବାଙ୍କ ଜୀବନ ଆଜି ମଧ୍ୟ ମାନବତା ପାଇଁ ଏକ ଜୀବନ୍ତ ପାଠଶାଳା। ତାଙ୍କ ଜୀବନ କହେ ଯେ ସତ୍ୟ ଧର୍ମ ହେଉଛି କରୁଣା, ସତ୍ୟ ପୂଜା ହେଉଛି ସେବା ଓ ସତ୍ୟ ଈଶ୍ୱରଭକ୍ତି ହେଉଛି ଅହଂକାରର ତ୍ୟାଗ। ତାଙ୍କ ସମଗ୍ର ଜୀବନ ଏହି ଏକମାତ୍ର ସତ୍ୟକୁ ଘୋଷଣା କରେ ଯେ ଈଶ୍ୱର ଏକ, ଏବଂ ସେଇ ଏକ ଈଶ୍ୱରଙ୍କୁ ପାଇବାର ପଥ ହେଉଛି ପ୍ରେମ, ଧୈର୍ଯ୍ୟ, ଶ୍ରଦ୍ଧା ଓ ନିର୍ଲୋଭ ସେବା।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022** ସମ୍ପାଦକ : **ଜୟାଶୀଷ ରାୟ**



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୭୦

## କିଚକର ମୃତ୍ୟୁ-୧



ଯୁଧିଷ୍ଠିର ଜଣେ ସନ୍ନ୍ୟାସୀର ବେଶ ଧରିଲେ । ଏବଂ ଅନ୍ୟମାନେ ନିଜ ନିଜର କାର୍ଯ୍ୟ ଅନୁରୂପ ବେଶଧାରଣ କଲେ । ସେମାନେ ମତ୍ସ୍ୟଦେଶର ରାଜା ବିରାଟଙ୍କ ଦରବାରରେ ପହଞ୍ଚିଲେ । ଏବଂ ରାଜାଙ୍କୁ କାମଦେବାକୁ ଅନୁରୋଧ କଲେ । କିନ୍ତୁ, ଛଦ୍ମବେଶରେ ଥିଲେ ମଧ୍ୟ ସମସ୍ତଙ୍କର ଦେହର ଉଜ୍ଜ୍ୱଳତା ଲୁଚିପାରୁନଥିଲା । ରାଜା ବିରାଟ ସେମାନଙ୍କ ଅନୁରୋଧ ଶୁଣିଲେ ସତ କିନ୍ତୁ କାମ ଦେବାକୁ ଅମଙ୍ଗ ହେଲେ । ମାତ୍ର ସେ ଥିଲେ ଜଣେ ଉତ୍ତମ ରାଜା । ସେମାନଙ୍କ ଅନୁରୋଧ ଶୁଣି ତରଳିଗଲେ ଏବଂ ଯିଏ ଯେଉଁ କାମ ଚାହୁଁଥିଲା ସେଥିରେ ନିଯୁକ୍ତି ଦେଲେ ।

ଯୁଧିଷ୍ଠିର ଦରବାରରେ ରହିଲେ ଏବଂ ଅଧିକାଂଶ ସମୟ ରାଜାଙ୍କ ସହ ପଶା ଖେଳରେ ସମୟ ବିତେଇଲେ । ଭୀମସେନ ରାନ୍ଧୁଣିଆ ଭାବେ ନିଯୁକ୍ତି ପାଇଲେ ଓ ସୌଖୀନ ମଲ୍ଲଯୋଦ୍ଧା ରୂପେ କାର୍ଯ୍ୟ କଲେ । ଅର୍ଜୁନ, ରାଣୀହଂସପୁରେ ରହି ରାଜକୁମାରୀଙ୍କୁ ନାଚ, ଗୀତ ଶିଖେଇଲେ । ନକୁଳ ଘୋଡ଼ାମାନଙ୍କର ଯତ୍ନନେଲେ ଓ ସହଦେବ ଯତ୍ନନେଲେ ଷଣ୍ଢ ଓ ଗାଈମାନଙ୍କର ।

ଦ୍ରୌପଦୀ, ଯେକି ଇନ୍ଦ୍ରପ୍ରସ୍ଥରେ ସଦାସର୍ବଦା ଦାସୀ ମାନଙ୍କର ସେବା ପାଉଥିଲେ, ରାଣୀ ସୁଦେଷ୍ଣାଙ୍କର ଏକାନ୍ତ ଦାସୀ ରୂପେ କାର୍ଯ୍ୟକଲେ ।

ରାଣୀ ସୁଦେଷ୍ଣାଙ୍କର ସାନଭାଇ କିଚକ । ସେ ଥିଲା ମତ୍ସ୍ୟ ଦେଶର ସେନାପତି । ରାଜ୍ୟର ସମସ୍ତ କ୍ଷମତା ତା'ଉପରେ ରାଜା ନ୍ୟସ୍ତ କରିଥିଲେ । ପ୍ରଜାଗଣ କହିବାର ଶୁଣାଯାଉଥିଲା, ରାଜ୍ୟର ପ୍ରକୃତ ରାଜା କିଚକ, ବିରାଟ ନାମକୁ ମାତ୍ର ରାଜା ।

କିଚକ ଭାବୁଥିଲା, ତା'ର ଦୈହିକ ଶକ୍ତି ଓ କ୍ଷମତା ବଳରେ ସେ ଯାହା ଇଚ୍ଛା ତାହା କରିପାରିବ ।

ଦିନେ ସେ ଦେଖିଦେଲା ଦ୍ରୌପଦୀଙ୍କୁ, ତା'ର ଭଉଣୀର ମହଲରେ । ଓଃ କି ସୁନ୍ଦରୀ! ସାମାନ୍ୟ ଚାକରାଣୀଟିଏ ପୁଣି ଏତେ ସୁନ୍ଦରୀ ହୋଇପାରେ ! ଦ୍ରୌପଦୀଙ୍କୁ ସେ ବିଭିନ୍ନ ସୂଚନା ଦେଲା । ସେ ଭାବିଥିଲା, ଦ୍ରୌପଦୀ ସୂଚନା ବୁଝିବ ଓ ତା'ଆଡେ ଆଉଜିଯିବ ! କିନ୍ତୁ ସେପରି ହେଲାନାହିଁ ।

ଦ୍ରୌପଦୀଙ୍କୁ ଲାଜ ଲାଗିଲା । ସୁଦେଷ୍ଣାଙ୍କୁ କିଚକଙ୍କ ଅଭଦ୍ର ବ୍ୟବହାର ସଂପର୍କରେ କହିଲାନି । ଅନ୍ୟପକ୍ଷରେ, ସେ ଅନ୍ୟମାନଙ୍କୁ ଶୁଣେଇ ଶୁଣେଇ କହିଲା, ତା'ର ସ୍ୱାମୀ ହେଉଛନ୍ତି ଗନ୍ଧର୍ବ । ତାକୁ ଯେ ଅସମ୍ମାନ କରିବ ଗନ୍ଧର୍ବମାନେ ତାକୁ ମାରିଦେବେ । ତାଙ୍କର କଥାକୁ ଅନ୍ୟମାନେ ବିଶ୍ୱାସ କରୁଥିଲେ । ମାତ୍ର କିଚକ, କେଉଁ ଗନ୍ଧର୍ବଙ୍କୁ ଭୟ କରିବା ଶିଖିନଥିଲା । ସେ ଦ୍ରୌପଦୀଙ୍କୁ ଏକାନ୍ତରେ ପାଇବାକୁ ଉଦ୍ୟମ ଜାରିରଖିଲା ।

ବାଧ୍ୟହୋଇ ଦ୍ରୌପଦୀ କହିଲେ ରାଣୀ ସୁଦେଷ୍ଣାଙ୍କୁ ଓ ତାଙ୍କର ସାହାଯ୍ୟ ଇଚ୍ଛାକଲେ ।

କିଚକର ଅଖଣ୍ଡ ପ୍ରଭାବ ଥିଲା ଭଉଣୀ ସୁଦେଷ୍ଣା ଉପରେ । ଦିନେ ଲାଜସରମ ଛାଡ଼ି ସେ ଭଉଣୀଙ୍କୁ ନିଜର ମନୋଭାବ କହିଲା । ରାଣୀ ଆଶ୍ଚର୍ଯ୍ୟ ! ଭାଇକୁ ସେ ଭୁଲ୍ ନକରିବାକୁ ସେ ବୁଝେଇଲେ । କିନ୍ତୁ କିଚକ ବୁଝିବା ଅବସ୍ଥାରେ ନଥିଲା । ବାଧ୍ୟ ହେଲା ସୁଦେଷ୍ଣା । ସେ ଓ କିଚକ ମିଶି ଯୋଜନା ତିଆରି କଲେ କିପରି ଦ୍ରୌପଦୀଙ୍କୁ ସହଜରେ ମନେଇବେ । (କ୍ରମଶଃ ...)

ନରଣପୁର, କୋଦଣ୍ଡପୁର
ଯାଜପୁର ଟାଉନ୍- ୭
ମୋ- ୮୨୪୯୬୯୩୩୦୮

# ଜାଗର ପାଇଁ ଜାଳିବା ଦୀପ

ସୁଜିତ କୁମାର ମିଶ୍ର



ଜାଗର ପାଇଁ ଜାଳିବା ଦୀପ
ଶ୍ରଦ୍ଧା ଭକତି ନେଇ,
ପୂଜିବା ପ୍ରଭୁ ଭୋଳାନାଥଙ୍କୁ
ଫୁଲ ଚନ୍ଦନ ଦେଇ ।

ମନ୍ଦିର ଯିବା ବେଢ଼ା ବୁଲିବା
ଆନନ୍ଦ ଖୁସି ମନେ,
ଭକତ ମେଳେ ବସିବା ସେଠି
ଭାବରେ ପ୍ରତିକ୍ଷଣେ ।

ଆଶୁତୋଷଙ୍କ ପ୍ରିୟ ଦୁଦୁରା
କ୍ଷୀର ସଙ୍ଗରେ ଥିବ,
ହୋଇଣ ପ୍ରୀତ ଅନ୍ତରୁ ସିଏ
ଢାଳିବେ ବଇଭବ ।

ବେଲ ପତର ଚଢ଼ାଉଥିବା
ମହାଦେବଙ୍କ ମୁଣ୍ଡେ,
ଥିବ ମନ୍ତର ଭଜନ କେତେ
ଆମରି ପୁଣ୍ୟ ତୁଣ୍ଡେ ।

ଜପ କରିବା ତପ କରିବା
ରହିବା ଉଜାଗର,
ମହାଦୀପକୁ ଜଳାଇ ସାରି
ଫେରିବା ନିଜ ଘର ।

ଜାଗର ପରା ମନ ପରାଣେ
ଆଲୋକ ଭରା ତପ,
ଦୀପଟେ ଆମେ ଜଳାଉଥିଲେ
ଦୂର ହୋଇବ ପାପ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨

# ଆସିଛି ଜାଗର ଜାଳିବା ଦୀପ

ଦୀନବନ୍ଧୁ ପୋଇ

ଆସିଛି ଜାଗର ଜାଳିବା ଦୀପ
ଝାଡି ଦେବେ ଶିବ ସକଳ ପାପ ।
ପଞ୍ଚାକ୍ଷର ମନ୍ତ୍ର ଜପିବା ବସି
ବର ଦେବେ ଭୋଳାଶଙ୍କର ଆସି ।
ଫାଲଗୁନ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ
ପୂଜନ୍ତି ଶଙ୍କର ଭକତ ବସି ।
ପଞ୍ଚାକ୍ଷର ମନ୍ତ୍ର ଆସଇ ଭାସି
ଚହଳ ହୁଅଇ ଜାଗର ନିଶି ।
ରହି ଉଜାଗର କରିଲେ ପୂଜା
ଆଶିଷ ପାଆନ୍ତି ସକଳ ପ୍ରଜା ।
ଦଶବ୍ରତ ମଧ୍ୟେ ଜାଗର ବ୍ରତ
ଶ୍ରେଷ୍ଠ ବୋଲି ଇଏ ଜାଣେ ଭକତ ।
ରହି ଉଜାଗର ଯେହୁ ପାଳଇ
ଚାହିଁଥିବା ବର ତାକୁ ମିଳଇ ।
ଅଟଇ ଏ ଆମ ପୂଜା ସଂସ୍କୃତି
ପାଳିବ ଯିଏ ସେ ହେବ ମୁକତି ।

ଗୋରଡ଼ାପାଳ,କରମୂଳ,ଢେଙ୍କାନାଳ
ଦୂରଭାଷ- ୯୯୩୮୮୦୨୪୧୨



# ଜାଗର ପାଳିବା

ସତ୍ୟନାରାୟଣ ପ୍ରଧାନ

ଦେବଙ୍କର ଦେବ ସିଏ ମହାଦେବ
କିଏ ଡାକେ ଭୋଳା ଶଙ୍କର
କୋପରେ ହେଉ କି ତପରେ ସନ୍ତୁଷ୍ଟ
ବିପଦେ କରନ୍ତି ଉଦ୍ଧାର ॥

ହାତରେ ଧରନ୍ତି ତ୍ରିଶୂଳ ଡମ୍ବରୁ
ଶ୍ମଶାନ ଯାହାର ଘର
ରୋଗ ଶୋକ ଦୁଃଖ କରନ୍ତି ହରଣ
ଲୋଡ଼ା ଖାଲି ବେଲ ପତର ॥

ଆସରେ ଗାଇବା ତାଙ୍କରି ନାମକୁ
ତୁଣ୍ଡେ ଧରି ନମଃ ଶିବାୟ
କଳା ବଳଦକୁ କରିଥିଲେ ଧଳା
ନାଁ ଖ୍ୟାତ ଧବଳେଶ୍ୱର ॥

ସାରା ଦୁନିଆର ତୁମେ ତ ଈଶ୍ୱର
ତୁମର ହଜାର ନାମ
ହୃଦୟ ଭିତରୁ ଯେ କେହି ଡାକିଲେ
ପୂର୍ଣ୍ଣ ହୁଏ ମନସ୍କାମ ॥

ଜାଗର ପାଳିବା ଶରଧା ମନରେ
ହାତେ ଜାଳି ଘିଅ ଦୀପ
ଅନ୍ତରୁ ଡାକିଲେ ମିଳିବ ଆଶିଷ
ଦୂର ହେବ ସବୁ ପାପ ॥

ଅଣ୍ଡିଆ, ଯାଜପୁର
ମୋ- ୯୧୭୮୩୧୩୬୪୪

# ପବିତ୍ର ଜାଗର ଆସୁଅଛି ମିତ

ରାମଚନ୍ଦ୍ର ବେହେରା



ପବିତ୍ର ଜାଗର ଆସୁଅଛି ମିତ
ଭକତି ପସରା ଧରି
ଶ୍ରଦ୍ଧାଳୁ ରଖିବେ ବ୍ରତ ଉପାସନା
ଶିବଙ୍କୁ ହୃଦେ ସୁମରି ।
ସାରା ଶୈବପୀଠ ଚମକି ଉଠିବ
ହେବ ଭକ୍ତ ସମାଗମ
କ୍ଷୀର ବେଲପତ୍ର ଦୁଦୁରା ଗଇସ
ଚଢ଼ାଇବେ ସର୍ବେ ଜନ ।
ସାରା ରାତି ବସି ପ୍ରଦୀପ ଜାଳିବେ
ବିନମ୍ର ପ୍ରଣତି ଢାଳି
ସୁଖ ଶାନ୍ତି ପାଇଁ ପଞ୍ଚାକ୍ଷରୀ ଗାଇ
ପ୍ରଭୁଙ୍କୁ କରିବେ ଅଳି ।
ମଧ୍ୟରାତ୍ର କାଳେ ମନ୍ଦିର ଶୀର୍ଷକୁ
ମହାଦୀପ ଉଠା ହେବ
ଶଙ୍ଖ ହୁଳହୁଳି ଘଣ୍ଟ ଘଣ୍ଟି ସ୍ୱନ
ଭକ୍ତିର ପୁଲକ ଦେବ ।

ଶ୍ରଦ୍ଧାଭାବ ରଖି ସାଥିମେଳ ହୋଇ
ଶିବ ମନ୍ଦିରକୁ ଯିବା
ଜଳଦାନ କରି ପ୍ରଭୁଙ୍କ ଚରଣେ
ଭକ୍ତି ମୁଣ୍ଡିଆ ମାରିବା ।
ଦୁଃଖୀ ଦରିଦ୍ରଙ୍କ ସୁଖ ଶାନ୍ତି ପାଇଁ
କରିବା ହୃଦେ ବିନତି
ମନ୍ଦିର ବେଢ଼ାରେ ପ୍ରଦୀପ ଜଳାଇ
ମନାଇବା ଶିବରାତ୍ରି ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଆସିଛି ଜାଗର ଯାତ

ନଳିନୀ ଦାଶ



ଆସିଛି ଜାଗର ପ୍ରଭୁ ଶିବଙ୍କର
ଜନମ ଦିନ ପାଳିବା
ଉପବାସ କରି ଉଜାଗର ରହି
ଭକ୍ତିରେ ଦୀପ ଜାଳିବା ।
ଅରଖ ଦୁର୍ବ୍ବା ବଉଳ କେତକୀ
ଗୟସ ବେଲପତର
ନାଗେଶ୍ୱରୀ ଚମ୍ପା ଅରଖ ଫୁଲକୁ
ଗୁନ୍ଥି ପିନ୍ଧାଇବା ହାର ।
ଗାଇବା ତୁଣ୍ଡରେ ଶିବ ପଞ୍ଚାକ୍ଷର
ଭକତି ଚିତ୍ତେ ଡାକିବା
ଧୂପ ଦୀପ ଦେଇ ଭୋଗ ବାଢ଼ିଦେବା
ଗାଇ କ୍ଷୀର ଢାଳିଦେବା ।
ଜାଗର ପରବେ ଉତ୍ସବ ମୁଖର
ପାଆନ୍ତି ମହେଶ ପୂଜା

ମନ୍ଦିର ଝଲସେ ଆଲୋକ ସଜ୍ଜାରେ
ବାଜେ ଘଣ୍ଟ ଗିନି ବାଜା ।
ସବୁ ଯାତ୍ରା ମଧ୍ୟେ ଭୋଳା ବାବାଙ୍କର
ଜାଗର ଯାତ୍ରାଟି ସାର
ଡାକିଲେ ଭକ୍ତିରେ ସନ୍ତୋଷ ହୁଅନ୍ତି
ଢାଳନ୍ତି ଆଶିଷ ଧାର ।
ଜନ ଗହଳିରେ ପୁରିଅଛି ପୀଠ
ହେଉଛି ଜାଗର ଯାତ
ଜନମ ତିଥିରେ କମ୍ପିଯାଉଅଛି
ଶୁଭୁଛି ଭଜନ ଗୀତ ।
ଜାଗର ରାତିରେ ନିଷ୍ଠାରେ କରିବା
ଦୀପଜାଳି ଉପବାସ
ମହାଦୀପ ଦେଖି ପବିତ୍ର ନୟନ
କଟିଯିବ ଦୁଃଖ କ୍ଲେଶ ।

ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ-୯୨୩୮୯୯୬୬୪୯

# ଆସିଛି ଜାଗର

ସୁଧାକର ରାଉତ

ଆସୁଛି ଜାଗର ଜାଳିବା ଦୀପ
ଭୁଲିଣ ମନରୁ ଦୁଃଖର ତାପ
ଶ୍ରଦ୍ଧା ଭକ୍ତି ଭାବ ଭରି
ଶିବାଳୟେ ଯାଇ ଉଜାଗର ରହି
ଓଁ ନମଃ ଶିବାୟ ସ୍ମରି ।
ପ୍ରଭୁ ଆଶୁତୋଷ କରୁଣା କଲେ
ରୋଗ, ଶୋକ ଦୂର ହୋଇବ ଭଲେ
ଶୁଷ୍କ ବେଲପତ୍ର ଦେଇ
ଭକତି ଭରେ ତାଙ୍କ ପୂଜା କରିବା
ତାଙ୍କ ନାମ ତୁଣ୍ଡେ ଗାଇ ।
ଗଳାରେ ତାହାଙ୍କର ସର୍ପ ଶୋହେ
ଜଟାରୁ ସଦା ମନ୍ଦାକିନୀ ବହେ
ତ୍ରିଶୂଳ ଡମ୍ବରୁ ହାତେ
ନୀଳକଣ୍ଠ ପରା ସାଜିଛନ୍ତି ସିଏ
ଜଗତ କଲ୍ୟାଣ ହିତେ ।
ଆମେ ଅଟୁ କ୍ଷୁଦ୍ର କୋମଳମତି
ନଜାଣୁ ଆମେ ଜପତପ ନୀତି
ନଜାଣୁ ବି ସ୍ତୋତ୍ର ମନ୍ତ୍ର
ଶ୍ରୀ ଭୋଳାଶଙ୍କର ଯନ୍ତ୍ରୀ ହୋଇଲେଟି
ଆମେ ହେବୁ ତାଙ୍କ ଯନ୍ତ୍ର ।
ତାଙ୍କ ପାଖେ ଆମେ ମାଗିବୁ କିସ
ସେ ପରା ଅଟନ୍ତି ଜଗତ ଈଶ
ତାଙ୍କର ସୁଦୟା ବଳେ
ଭଲ ମଣିଷଟେ ହୋଇବା ଭବିଷ୍ୟେ
ନାମ ରଖି କାଳେ କାଳେ ।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

# ଜାଗର ଯାତରେ ଜାଳିବା ଦୀପ

ପ୍ରଫୁଲ୍ଲ କୁମାର ସାହୁ



ଜାଗର ଯାତରେ ଜଳାଇବା ଦୀପ
ଶିବ ମନ୍ଦିରକୁ ଯାଇ,
ଭକତି ଅନ୍ତରେ ଜଣାଇବା ଦୁଃଖ
ନିଜ ମନ କଥା କହି ।୧।

ବାବା ଆଶୁତୋଷ ହୋଇଲେ ସନ୍ତୋଷ
ଶୁଣିବେ ଆମର ଦୁଃଖ,
ସଂସାର ପଥରୁ ଦୁଃଖକୁ ଦୂରେଇ
ସଭିଙ୍କୁ ବାଣ୍ଟିବେ ସୁଖ ।୨।

ରହି ଉଜାଗର ମନ୍ଦିର ବେଢ଼ାରେ
ଭକତ ମେଳରେ ବସି,
ବରଷକେ ଥରେ ଜଳାଇବା ଦୀପ
ସଭିଏଁ ଆମେରେ ମିଶି ।୩।

ହିଂସା ଦ୍ୱେଷ ଭାବ ମନରୁ ଦୂରେଇ
ସେନେହ ଶରଧା ଦେଇ,
ସଭିଙ୍କ ମଙ୍ଗଳ କରିବା କାମନା
ଆମେ ପରା ଭାଇ ଭାଇ ।୪।

ଈଶ୍ୱରଙ୍କ ସୃଷ୍ଟି ଏ ସୁନ୍ଦର ବିଶ୍ୱ
ଆମେ ତାଙ୍କ ପରିବାର,
ଚଳିବା ସଭିଏଁ ଆମେରେ ଖୁସିରେ
ଲଭି ଆଶିଷ ତାଙ୍କର ।୫।

ଗାଆଁ ଠୁ ସହର ସବୁଠି ଜଳୁଛି
ଦୀପ ଶିବରାତ୍ରି ପାଇଁ,
ହୋଇ ଏକ ମେଳ ଜାଳନ୍ତି ଭକତ
ଦେଖ ଉଜାଗର ରହି ।୬।

ଶାନ୍ତି ମୈତ୍ରୀ ବାଣୀ କରିବା ପ୍ରଚାର
ଆଜିର ଦିନରେ ଆମେ,
ବିଶ୍ୱ ଶାନ୍ତି ପାଇଁ ନେବାଟି ଶପଥ
ଆମେ ଈଶ୍ୱରଙ୍କ ନାମେ ।୭।

ରାଜ୍ୟ ପୁରସ୍କୃତ ପ୍ରାକ୍ତନ ପ୍ରଧାନ ଶିକ୍ଷକ, ଶକ୍ତି ବିହାର / ବାଲିପଡ଼ା, ମାହାଙ୍ଗା, କଟକ
ମୋ-୭୬୦୯୦୪୩୮୩



# ଦୁବ ଘାସ ମୋତେ କର

ସୁରମା ମିଶ୍ର

ଦୁବ ଘାସଟିଏ କର ହେ ଠାକୁର
ଦୁବଘାସ ମତେ କର
ଯେତେ ଅତ୍ୟାଚାର ହେଉ ମୋ ଉପରେ
ସହିବି ମୁଁ ନିରନ୍ତର ॥

ନିତିନିତି ମୋ ଉପରେ ପଡୁଅଛି
କେତେ କେତେ ପାଦଧୂଳି
ସେହି ପାଦଧୂଳି ପାଇ ମୁଁ ହୋଇଛି
ଆଜି ଏତେ ଶକ୍ତିଶାଳୀ ॥

ଶୁଖିଲା ଭୂଇଁରେ ଶୁଖି ଶୁଖି ଥାଏ
ପାଣି ଟୋପେ ମିଳେ ନାହିଁ
ବରଷା ଆସିଲେ ତା ବାରିରେ ସିଏ
ଦିଅଇ ମତେ ଭିଜାଇ ॥

ଯେତେ ପୂଜାପର୍ବ ହୁଏ ଯେଉଁଠାରେ
ସବୁଠି ମୁଁ ଲୋଡ଼ା ହୁଏ
କେହି କିନ୍ତୁ ମତେ ପାଣିଟିକେ କେବେ
ଦିଅନ୍ତି ନାହିଁରେ କିଏ ॥

କେତେ ଔଷଧୀୟ ଗୁଣ ମୋ ଭିତରେ
ଭରି ରହିଛିରେ ଭାଇ
ତଥାପି ମୁଁ ସଦା ଅବହେଳିତରେ
କେହି ତ ବୁଝନ୍ତି ନାହିଁ ॥

ଶୁଖିଲା ମାଟିରେ ବର୍ଷସାରା ମୁହିଁ
ମାଟିକୁ ଜାବୁଡ଼ି ଧରି
ପଡିରହିଥାଏ ମୁଣ୍ଡକୁ ନୁଆଁଇ
ବରଷିଲା ଯାଏ ବାରି ॥

ସହିବାଟା ମୋର ଧର୍ମ ଅଟେ ପ୍ରଭୁ
ସହୁଛି ମୁଁ ସହୁ ଥିବି
ଏତିକି ଅଳି ମୋ ମସ୍ତକେ ତୁମର
ସବୁବେଳେ ଶୋଭୁଥିବି ।

ବିଏଲ-୩୯, ଭିଏସ୍ଏସ୍ ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫





# ଆମ ପାଇଁ ଭଲ ନୁହଁ

ଅଶୋକ କୁମାର ପ୍ରଧାନ

କୁନା କହେ ବୋଉ କେବେଠୁ ଭାବିଛି
କଥାଟି ଜାଣିବା ପାଇଁ
ଆଗପରି ଆଉ ବସନ୍ତ ଋତୁରେ
କୋଇଲି ଦିଶେନି କାହିଁ ।

ଶୁଭୁନାହିଁ କିଆଁ ଏ ବସନ୍ତ କାଳେ
ତାର କୁହୁ.... କୁହୁ... ରାବ
ହେଇ ପାରୁନାହିଁ କି ପାଇଁ ବୋଉ ଲୋ
ତା'ସାଥେ ଥରୁଟେ ଠାବ ।

କୁନା କଥା ଶୁଣି ମନ ଦୁଃଖେ ବୋଉ
କହିଲେ ଶୁଣେ ମୋ ଧନ
ଏ ମଣିଷ ଜାତି ନିରିଦୟ ପଣେ
କାଟି ପଦା କଲା ବଣ ।

କମିଗଲା ଗଛ କମିଗଲା ବଣ
କମିଲା ଗହଳ ଥାନ
କେଉଁଠି ସେ ଆଉ ଲୁଚି ରହି କହ
ଗାଇବ ତା' କୁହୁ... ଗାନ ।

କମିବାରୁ ଗଛ ବଢ଼ିଲା ଉତ୍ତାପ
ହେଲା ବୋଧେ ତାକୁ କାଳ
ଯଦିଓ ବସନ୍ତେ ଖୋଜି ପାଇଲାନି
ସେ ଗଛ ଗହଳ ଡାଳ ।

ଆମଠାରେ ରୋଷ କରି ବୋଧେ ସିଏ
ଚାଲିଗଲା ବହୁ ଦୂରେ
ବସନ୍ତ ଆସିଲେ ତା କୁହୁ କୁହୁ ଗୀତ
ଶୁଣିବାକୁ ମନ ଝୁରେ ।

ଯେତେ ଝୁରିଲେ ବି ତା ମଧୁର ଗୀତ
ଆଉ ଶୁଣି ହୁଏ ନାହିଁ
ଏ ବସନ୍ତ ଋତୁ ସରିଯାଏ ଆପେ
ଗ୍ରୀଷମ ଆସିଲେ ଧାଇଁ ।

ବୋଉ କଥା ଶୁଣି ଦୁଃଖରେ କୁନାର
ଶୁଖିଗଲା ହସ ମୁହଁ
କହିଲା ବୋଉ ଲୋ ଏଇ କଥା ଗୋଟି
ଆମ ପାଇଁ ଭଲ ନୁହଁ ।

(ଶିକ୍ଷକ), ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

# ନୀଳକଣ୍ଠ ଭୋଳାନାଥ

ନଗେନ୍ଦ୍ରନାଥ ପଟ୍ଟନାୟକ



ଭଗବାନ ବିଷ୍ଣୁଙ୍କ ଦଶ ଅବତାର ଭିତରୁ ଅନ୍ୟଏକ ଅବତାର ହେଉଛି କୂର୍ମ ଅବତାର । ଭଗବାନ ବିଷ୍ଣୁ କଇଁଛ ରୂପ ଧାରଣ କରିଥିଲେ । ସମୁଦ୍ର ମନ୍ଥନ ବେଳେ ଦେବ-ଅସୁରମାନେ ମନ୍ଦରାଞ୍ଚଳ ପର୍ବତକୁ ନିଜ ପିଠିରେ ସ୍ଥିରରଖି ସେ ସମୁଦ୍ର ମନ୍ଥନ କରିବାରେ ସାହାଯ୍ୟ କରିଥିଲେ । ଫଳରେ ସମୁଦ୍ରରୁ ଚଉଦଶହ ରତ୍ନ ଓ ଅମୃତ ପ୍ରାପ୍ତ ହୋଇଥିଲା । ଏହି ଅବତାର ସ୍ଥିରତା, ସୁରକ୍ଷା ଓ ଦୀର୍ଘାୟୁର ପ୍ରତୀକ । ସମୁଦ୍ର-ମନ୍ଥନର କଥା ଉଠିଲାବେଳେ ମନ୍ଦାର ପାହାଡ଼କୁ ମନ୍ଥିବା ଖୁଆ (ଦଣ୍ଡ) ରୂପେ ତ ବନେଇ ନିଆଗଲା ସେଥିରେ ପୁଣି କୂର୍ମ ଅବତାର ଭଗବାନ ଆଧାର ବି ଦେଇଦେଲେ । କିନ୍ତୁ ବିଷ୍ଣୁ ପ୍ରଶ୍ନକଲେ- 'ମନ୍ଥିବା ଖୁଆର (ଦଣ୍ଡର) ରଶି ଖଣ୍ଡିକ କୋଉଠୁ ଆସିବ ? ଜନୈକ ଦେବତା କହିଲେ- 'ହିମାଳୟର ନିଭୃତ କନ୍ଦର ଭିତରେ ବେଶ୍ ଆରାମ କରୁଥିବା ନାଗରାଜ ବାସୁକୀ ଦ୍ୱାରା ଏ କାମ କରାଯାଇ ପାରିବ । ତା'ଭଳି ସବୁଠାରୁ ବଡ ରଶି କୋଉ ତିନିଲୋକ ଓ ଚଉଦ ଭୁବନରେ ନାହିଁ । ଏବେ ସମସ୍ୟା ଉଠିଲା ତାଙ୍କୁ କିଏ ଯାଇ ଆଣିବ ? ସେ ଏତେ ବିରାଟ ଯେ ଲହଲହ ଫଣାତୋଳି ମାଡିଆସିଲା ବେଳେ କାଳେ ଧକ୍କା ଲାଗିବ ସେପାଇଁ ସେ ଅଧିକାଂଶ ସମୟ ଆରାମ କରୁଥାଏ । କୈଳାସପତି ଭଗବାନ ଶଙ୍କର ଉଠିପଡ଼ିଲେ ଓ ବାସୁକୀକୁ ନିଜ ହାତରେ ଗୁଡ଼ାଇ ଚାଲିଗଲେ । ନାଗରାଜଙ୍କୁ ସେଠି ପହଞ୍ଚାଇ ସେ ଗୋଟିଏ ସ୍ଥାନରେ ବସିପଡିଲେ । ସମୁଦ୍ର ମନ୍ଥନ କାମ ଆରମ୍ଭ ହେଲାବେଳେ ନାଗରାଜ ପୀଡାଯନ୍ତ୍ରଣା ଅନୁଭବ କଲା । କାରଣ ଏପଟୁ ଦେବଗଣ ସେପଟୁ ଅସୁରମାନେ ଟାଣୁଥାନ୍ତି । ମଝିରେ ମନ୍ଦରାଚଳ ପର୍ବତ ଆହତ ହେଇଥାଏ । କ୍ଷୁବ୍ଧ ହୋଇ ନାଗରାଜ ଫଁ ଫଁ ଫଣାତୋଳି ଗର୍ଜିବା ଆରମ୍ଭ କରିଦେଲା । ଯେଉଁ ନାଗକୁ ଗୋଟିଏ ପର୍ବତ ଚାରିପଟେ ଗୁଡାଇ ଦିଆଯାଇଥିଲା ସେ କେତେ ବଡ ହୋଇଥିବ । ନାଗରାଜ ଫଁ ଫଁ ଗର୍ଜନ କରିବାରୁ ସୃଷ୍ଟିରେ ସଭିଙ୍କ ଭିତରେ ହଳାହଳ ବିଷ ଚହଟିଗଲା । ହାହାକାର ଖେଳିଗଲା । ଗୋଟିଏ ପଟେ ଦେବ-ଅସୁରଗଣ ଓ ଅନ୍ୟପଟେ ନାଗରାଜ ଢିଲାହୋଇ ଫଁ ଫଁ ଗର୍ଜନ ତର୍ଜନ କରିବାକୁ ଲାଗିଲେ । ଏବେ ଦେବଗଣଙ୍କ ସଭା ଡକାହେଲା । ଭଗବାନ ବିଷ୍ଣୁ ପ୍ରଶ୍ନକଲେ- 'ଏ ହଳାହଳ ବିଷତକ କିଏ ପିଇବ ? ବିଷ୍ଣୁ ଭଗବାନ ଭୋଳାବାବାଙ୍କ ପାଦଧରି କହିଲେ- 'ବାବା ! ଆପଣ ହିଁ ପିଇପାରିବେ । ସେଉଠୁ ବାବା ଉଠିପଡ଼ିଲେ । ପ୍ରଥମେ ଜହର ପାନକଲେ । ତା'ପରେ ପୁଣି ଉପଚାର କଲେ ବାସୁକୀର । ବାବା ଭୋଳାନାଥ ବିଷ ସିନା ପିଇନେଲେ, ହେଲେ ସେ ତାପକୁ ସହ୍ୟ କରିପାରିଲେନି । ଗୋଟିଏ ଜାଗାରେ ସେ ଲଥିକିନା ବସିପଡ଼ିଲେ । ସମୁଦ୍ର ମନ୍ଥନରୁ ବାହାରିଥିବା ଚନ୍ଦ୍ରମାର ଟୁକୁଡ଼ାଟିକୁ ଭଗବାନ ଶିବଙ୍କ ଶିରର ଠିକ୍ ଉପରକୁ ସ୍ଥାପିତ କରାଗଲା । ସେ ଚନ୍ଦ୍ର ଟୁକୁଡାରୁ ନିରନ୍ତର ଶୀତଳ ଜଳ ମୁଣ୍ଡରେ ଝରୁଥିଲା । ବିହାର ବାଙ୍କା ଜିଲ୍ଲାରେ ଥିବା ମନ୍ଦାର ପର୍ବତ ଆଖପାଖ କ୍ଷେତ୍ର ହେଉଛି ମନ୍ଥନ ସ୍ଥାନ । ମନ୍ଦାରରେ ଏବେ ସମୁଦ୍ର ମନ୍ଥନରୁ ବାହାରିଥିବା ଧନରତ୍ନ ଲୁଚିରହିଛି । ନାଗରାଜକୁ ପହଞ୍ଚାଇବା ପରେ ଭୋଳାନାଥ ଯେଉଁ ସ୍ଥାନରେ ବସିଥିଲେ ସେ ସ୍ଥାନଟି ହେଉଛି ବାସୁକୀନାଥ । ଯେଉଁ ସ୍ଥାନରେ ଭୋଳାନାଥ ଶଙ୍କର ନାଗରାଜଙ୍କର ଚିକିତ୍ସା କରି ବିଷକୁ ଆହାର କରିଥିଲେ ସେଇ ସ୍ଥାନଟି ବୈଦ୍ୟନାଥ ଧାମ । ଚନ୍ଦ୍ରମାଙ୍କ ସେଇ ଖଣ୍ଡ ଯାହା ତାଙ୍କ ମଥା ଉପରେ ଲଗାଯାଇଥିଲା, ସେଥିରୁ ନିରନ୍ତର ଜଳ ଝରଝର ହୋଇ ଝରୁଛି । ଚନ୍ଦ୍ରମାଙ୍କ ସେଇ ଖଣ୍ଡିକ ଭୋଳାନାଥ ମନ୍ଦିରର ଶିଖର ତଳେ ଲଗାଯାଇଛି । ତା'ର ନାମ ହେଉଛି ଚନ୍ଦ୍ରକାନ୍ତ ମଣି ।

ପ୍ରାକ୍ତନ ଅତିରିକ୍ତଶାସନ ସଚିବ, ଓଡ଼ିଶା ସରକାର
ଓସ୍କାରସିଟି, ଲେନ୍‌ନଂ-୯, ପ୍ଲଟ୍ ନଂ-୪୫୬
ଲକ୍ଷ୍ମୀସାଗର କେନାଲ୍ ରୋଡ୍, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮୮

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୨ ଫେବୃୟାରୀ, ଗୁରୁବାର, ୨୦୨୬



# ଟି-୨୦ ବିଶ୍ୱକପ: ଆହତ ହେଲେ ଅଷ୍ଟ୍ରେଲିଆ ଅଧିନାୟକ, ଷ୍ଟିଭ୍ ସ୍ମିଥ୍‌ଙ୍କୁ ମିଳିଲା ସୁଯୋଗ



**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ଅସୁବିଧା ଥମିବାର ନାଁ ନେଉନାହିଁ। ଜସ୍ ହାଜେଲଉଡ୍ ଏବଂ ପ୍ୟାଟ୍ କୁମିନ୍ସ ଆଗରୁ ଆହତ ଥିବାବେଳେ ଏବେ ଅଧିନାୟକ ମିଚେଲ ମାର୍ଶ ମଧ୍ୟ ଆହତ ହୋଇଛନ୍ତି। ବୁଧବାର ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ମାର୍ଶଙ୍କ ଅନୁପସ୍ଥିତିରେ ଟ୍ରାଭିସ୍ ହେଡ୍ ଦଳର ନେତୃତ୍ୱ ନେଇଥିଲେ।

ରବିବାର ଏକ ଅଭ୍ୟାସ ଅଧିବେଶନ ସମୟରେ ମିଚେଲ ମାର୍ଶଙ୍କ ଗ୍ରୋଇନ୍ ଅଞ୍ଚଳରେ ଶକ୍ତ ଆଘାତ ଲାଗିଥିଲା। ପରୀକ୍ଷା ପରେ ଜଣାପଡ଼ିଛି ଯେ ତାଙ୍କର ଆଭ୍ୟନ୍ତରୀଣ ରକ୍ତସ୍ରାବ ହୋଇଛି, ଯେଉଁଥିପାଇଁ ତାଙ୍କୁ ବିଶ୍ରାମ ଓ ଚିକିତ୍ସା ପରାମର୍ଶ ଦିଆଯାଇଛି। ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ଷ୍ଟିଭ୍ ସ୍ମିଥ୍ ତାଙ୍କର କଭର ଭାବେ ଦଳ ସହ ଯୋଗଦେବେ।

ଷ୍ଟିଭ୍ ସ୍ମିଥ୍‌ଙ୍କୁ ତାଙ୍କର ସାମ୍ପ୍ରତିକ ଘରୋଇ ଫର୍ମ ପାଇଁ ଦଳକୁ ଫେରାଇ ଅଣାଯାଇଛି। ସେ ବିଗ୍ ବାଶ୍ ଲିଗ୍ (୨୦୨୫-୨୬)ରେ ମାତ୍ର ୬ଟି ମ୍ୟାଚ୍‌ରେ ୨୯୯ ରନ୍ ସଂଗ୍ରହ କରିଛନ୍ତି। ଏଥିରେ ସେ ମାତ୍ର ୪୧ ବଲ୍‌ରେ ଏକ ବିସ୍ଫୋରକ ଶତକ ହାସଲ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ।

ସ୍ମିଥ୍ ଶେଷଥର ପାଇଁ ୨୦୨୪ ଫେବୃଆରୀରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଆନ୍ତର୍ଜାତୀୟ ଟି-୨୦ ଖେଳିଥିଲେ। ଅଷ୍ଟ୍ରେଲିଆ ପାଇଁ ୬୭ଟି ଟି-୨୦ ମ୍ୟାଚ୍ ଖେଳିଥିବା ସ୍ମିଥ୍ ୨୦୨୧ ବିଶ୍ୱକପ୍ ବିଜୟୀ ଦଳର ମଧ୍ୟ ସଦସ୍ୟ ଥିଲେ।

ଶୁକ୍ରବାର ଅଷ୍ଟ୍ରେଲିଆ ନିଜର ପରବର୍ତ୍ତୀ ମ୍ୟାଚ୍ ଜିମ୍ବାୱେ ବିପକ୍ଷରେ ଖେଳିବ। ଦଳ ଆଶା ରଖିଛି ଯେ ମାର୍ଶ ଶୀଘ୍ର ସୁସ୍ଥ ହୋଇ ଫେରିବେ, ନଚେତ୍ ସ୍ମିଥ୍ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇପାରନ୍ତି।

# ଭାରତ-ପାକିସ୍ତାନ ମ୍ୟାଚ ପୂର୍ବରୁ ଭାରତୀୟ ଟିମରେ ଖେଳିଗଲା ଖୁସିର ଲହରି !



**ନୂଆଦିଲ୍ଲୀ**

ଭାରତୀୟ ଦଳ ଗୁରୁବାର ଟି୨୦ ବିଶ୍ୱକପ ୨୦୨୬ ରେ ନାମ୍ବିଆର ମୁକାବିଲା କରିବ। ତା'ପରେ ଭାରତୀୟ ଦଳ ଫେବୃଆରୀ ୧୫ରେ ପାକିସ୍ତାନ ସହିତ ମୁକାବିଲା କରିବ। ଏହି ମ୍ୟାଚ କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମରେ ଖେଳାଯିବ।

ଏହି ବଡ଼ ମୁକାବିଲା ପୂର୍ବରୁ ଭାରତୀୟ ପ୍ରଶଂସକଙ୍କ ପାଇଁ ଖୁସି ଖବର ଆସିଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଭାରତୀୟ ଓପନର ଅଭିଷେକ ଶର୍ମା ହସ୍ପିଟାଲରୁ ଡିସଚାର୍ଜ ହୋଇ ଭାରତୀୟ ଦଳରେ ପୁଣି ଯୋଗ ଦେଇଛନ୍ତି। ଯଦି ସେ ନାମ୍ବିଆ ବିପକ୍ଷରେ ବିଶ୍ରାମ ନିଅନ୍ତି, ତେବେ ସେ ପାକିସ୍ତାନ ବିପକ୍ଷରେ ପୁଣି ଥରେ ଖେଳିବେ।

ପୂର୍ବରୁ, ଅଭିଷେକଙ୍କୁ ପେଟ ସଂକ୍ରମଣ ଏବଂ ଜ୍ୱର ପାଇଁ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଯଦି ଅଭିଷେକଙ୍କୁ ନାମ୍ବିଆ ବିପକ୍ଷ ମ୍ୟାଚରୁ ବାଦ ଦିଆଯାଏ, ତେବେ ସଞ୍ଜୁ ସାମସନ ତାଙ୍କ ସ୍ଥାନ ନେଇପାରିବେ। ଅଭିଷେକ ଆମେରିକା ବିପକ୍ଷରେ ପୂର୍ବ ମ୍ୟାଚରେ ବିଫଳ ହୋଇଥିଲେ, ନିଜର ଖାତା ମଧ୍ୟ ଖୋଲିପାରି ନଥିଲେ।

ପାକିସ୍ତାନ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଅଭିଷେକ ଶର୍ମାଙ୍କ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ଆଜିକାଲି ଭଲ ଫର୍ମରେ ଅଛନ୍ତି। ଯଦି ଅଭିଷେକଙ୍କ ବ୍ୟାଟ ଫର୍ମରେ ଥାଏ, ତେବେ ସେ କେବଳ କିଛି ବଲରେ ମ୍ୟାଚକୁ ଓଲଟାଇ ଦେଇପାରିବେ। ଏହି ଭାରତୀୟ ଓପନର ନ୍ୟୁଜିଲାଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜରେ ବ୍ୟାଟ ସହିତ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସେ ପାଞ୍ଚ ଇନିଂସରେ ୪୫.୫୦ ହାରରେ ଏବଂ ୨୪୯.୩୨ ଷ୍ଟ୍ରାଇକ ରେଟ ସହିତ ୧୮୨ ରନ କରିଥିଲେ। ଏହି ସମୟ ମଧ୍ୟରେ, ଏହି ବିସ୍ଫୋରକ ବ୍ୟାଟ୍ସମ୍ୟାନ ୧୬ ଚୌକା ଏବଂ ୧୫ ଛକା ମାରିଥିଲେ।

ଅଭିଷେକ ଶର୍ମା ଏପର୍ଯ୍ୟନ୍ତ ତାଙ୍କ କ୍ୟାରିୟରରେ ୩୯ ଟି ଅନ୍ତର୍ଜାତୀୟ ଟି-୨୦ ଖେଳିଛନ୍ତି। ଏହି ସମୟ ମଧ୍ୟରେ, ସେ ୩୮ ଇନିଂସରେ ୩୬.୦୨ ହାରରେ ଏବଂ ୧୯୪.୪୫ ଷ୍ଟ୍ରାଇକ ରେଟ ସହିତ ୧୨୯୭ ରନ କରିଛନ୍ତି। ଏହି ଫର୍ମାଟରେ ସେ ଆଠଟି ଅର୍ଦ୍ଧଶତକ ଏବଂ ଦୁଇଟି ଶତକ ମଧ୍ୟ କରିଛନ୍ତି। ତାଙ୍କର ସର୍ବୋତ୍ତମ ସ୍କୋର ୧୩୫।

# ହାର ମାନିଲା ଆଫଗାନିସ୍ତାନ

## ୨ଟି ସୁପର ଓଭର ମୁକାବିଲାରେ ବାଜି ମାରିଲା ସାଉଥ ଆଫ୍ରିକା



**ଅହମ୍ମଦାବାଦ**

ଅହମ୍ମଦାବାଦ ଗ୍ରାଉଣ୍ଡରେ ଟି-୨୦ ବିଶ୍ୱକପ୍ ୨୦୨୬ର ସବୁଠାରୁ ରୋମାଞ୍ଚକର ମ୍ୟାଚ୍ ଦେଖିବାକୁ ମିଳିଛି। ଗୋଟିଏ ନୁହେଁ, ବରଂ ଦୁଇଟି ସୁପର ଓଭର ପରେ ଦକ୍ଷିଣ ଆଫ୍ରିକା ଆଫଗାନିସ୍ତାନ ବିପକ୍ଷରେ ଏକ ସ୍ମରଣୀୟ ବିଜୟ ହାସଲ କରିଛି। ନିର୍ଦ୍ଧାରିତ ଓଭରରେ ମ୍ୟାଚ୍ ଶେଷ ନ ହେବାରୁ ଦୁଇଟି ସୁପର ଓଭରରେ ମ୍ୟାଚ ନିର୍ଣ୍ଣୟ ହୋଇଥିଲା।

ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ପକ୍ଷରୁ ଓପନର ରିଆନ୍ ରିକେଲଟନ୍ (୬୧) ଏବଂ କ୍ୱିଣ୍ଟନ୍ ଡି କକ୍ (୫୯) ଚମତ୍କାର ଅର୍ଦ୍ଧଶତକ ହାସଲ କରି ଦଳୀୟ ସ୍କୋରକୁ ୧୮୭ରେ ପହଞ୍ଚାଇଥିଲେ। ଜବାବରେ ଆଫଗାନିସ୍ତାନର ରହମାନୁଲ୍ଲା ଗୁରବାଜ ୮୪ ରନର ଏକ ବିସ୍ଫୋରକ ଇନିଂସ ଖେଳିଥିଲେ ମଧ୍ୟ ଦଳ ୨୦ ଓଭରରେ ସମାନ ୧୮୭ ରନ୍ କରିବାକୁ ସକ୍ଷମ ହୋଇଥିଲା।

ପ୍ରଥମ ସୁପର ଓଭରରେ ଆଫଗାନିସ୍ତାନ ୧୭ ରନ୍ ସଂଗ୍ରହ କରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଟ୍ରିଷ୍ଟାନ ଷ୍ଟବ୍ସ ଶେଷ ବଲରେ ଛକା ମାରି ମ୍ୟାଚ୍କୁ ପୁଣି ଟାଇ କରିଥିଲେ। ଦ୍ୱିତୀୟ ସୁପର ଓଭରରେ ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ୨୪ ରନ୍ ସଂଗ୍ରହ କରିଥିଲା। ୨୫ ରନର ଟାର୍ଗେଟକୁ ପିଛା କରି ଗୁରବାଜ କ୍ରମାଗତ ତିନୋଟି ଛକା ମାରିଥିଲେ ସୁଦ୍ଧା ଶେଷ ବଲରେ ଆଉଟ୍ ହେବା ଫଳରେ ଆଫଗାନିସ୍ତାନ ମ୍ୟାଚ୍ ହାରିଯାଇଥିଲା। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲାଣ୍ଡ ଗ୍ରୁପ୍-ଡି'ର ଶୀର୍ଷରେ ରହି କ୍ୱାଲିଫାଇ କରିବା ଦୌଡ଼ରେ ଆଗରେ ରହିଛନ୍ତି। ଅନ୍ୟପଟେ ଆଫଗାନିସ୍ତାନ ଲଗାତାର ଦ୍ୱିତୀୟ ପରାଜୟ ସହ ସଂକଟରେ ପଡ଼ିଛି।

# ଓଡ଼ିଆ ପୁଅଙ୍କୁ ମିଳିଲା ବଡ଼ ସଫଳତା: ଜିତିଲେ ସ୍ୱର୍ଣ୍ଣ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଏସିଆ ପାସିଫିକ୍ ଡାଉନ ସିଣ୍ଡ୍ରୋମ୍ ଗେମ୍ସ ଚେନ୍ନାଇର ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ପୁଅ ଜୟଜୀବନ ପାଣି(୧୧)ଙ୍କୁ ମିଳିଛି ବଡ଼ ସଫଳତା। ଜୟଜୀବନ କନିଷ୍ଠ ବର୍ଗ ସ୍କେଟିଂ ୧୦୦ ମିଟରରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।

ଏହି ବିଜୟ ସହ ଜୟଜୀବନ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଭୁବନେଶ୍ୱର ଗୌତମନଗରରେ ରହୁଥିବା ଜଗତଜୀବନ ପାଣି ଏବଂ ଶୁଭଶ୍ରୀ ଷଡଙ୍ଗୀଙ୍କ ବଡ଼ ପୁଅ ହେଉଛନ୍ତି ଜୟଜୀବନ। ଜୟଜୀବନ ଏବେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢୁଛନ୍ତି।

ଜୟଜୀବନଙ୍କ ସଫଳତାରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏପରିକି ଜୟଜୀବନଙ୍କ ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଗକୁ ସ୍ୱତନ୍ତ୍ର ଅଲମ୍ପିକ୍ସରେ ଭାଗ ନେବାକୁ ଲକ୍ଷ୍ୟ ରଖିଛନ୍ତି। ଜୟଜୀବନ ଏହି ସଫଳତା ପାଇଁ ତାଙ୍କ ସାନ ଭାଇ, ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ମା' ବାପାଙ୍କୁ ଶ୍ରେୟ ଦେଇଛନ୍ତି।

# ବିଶ୍ୱକପରୁ ବାହାରି ଯିବାକୁ ନେଇ ବାଂଲାଦେଶ ଦେଲା ବଡ଼ ବୟାନ




**ନୂଆଦିଲ୍ଲୀ**

୨୦୨୬ ଟି୨୦ ବିଶ୍ୱକପରୁ ବାଂଲାଦେଶର ଓହରିଯିବା ପ୍ରସଙ୍ଗ ଏବେ କେବଳ କ୍ରୀଡା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ରାଜନୈତିକ ବୟାନବାଜିର ରୂପ ନେଇଛି। ସଦ୍ୟତମ ଘଟଣାକ୍ରମରେ, ଦେଶର କ୍ରୀଡା ପରାମର୍ଶଦାତା ଆସିଫ ନଜରୁଲ ଏକ ବିବୃତ୍ତି ଦେଇଛନ୍ତି ଯାହା ସମଗ୍ର ବିବାଦକୁ ଏକ ନୂତନ ଦିଗ ଦେଇଛି। ମଙ୍ଗଳବାର, ଫେବୃଆରୀ ୧୦ ତାରିଖରେ ସେ କହିଛନ୍ତି ଯେ ବିଶ୍ୱକପରୁ ଓହରିଯିବାର ନିଷ୍ପତ୍ତି ସରକାର ଦ୍ୱାରା ନୁହେଁ, ବରଂ ଖେଳାଳି ଏବଂ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଦ୍ୱାରା ନିଆଯାଇଛି। ତାଙ୍କ ଅନୁସାରେ, ଦେଶର ସମ୍ମାନ ଏବଂ କ୍ରିକେଟର ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ସରକାର କେବଳ ଏହି ନିଷ୍ପତ୍ତିକୁ ସମର୍ଥନ କରିଥିଲେ।

କିଛି ସପ୍ତାହ ପୂର୍ବରୁ, ଜାନୁଆରୀ ୨୨ରେ ଆସିଫ ନଜରୁଲ ଗଣମାଧ୍ୟମକୁ ସ୍ପଷ୍ଟ ଭାବରେ କହିଥିଲେ ଯେ ବିଶ୍ୱକପରୁ ଓହରିଯିବାର ନିଷ୍ପତ୍ତି ସରକାରଙ୍କ ଦ୍ୱାରା ନିଆଯାଇଛି। ସେ ଏହା ମଧ୍ୟ କହିଥିଲେ ଯେ ଆଇସିସିରୁ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଏହି ପଦକ୍ଷେପ ନିଆଯାଇଛି। ସେତେବେଳେ, ଏହା ସୂଚିତ ହୋଇଥିଲା ଯେ ଖେଳାଳିମାନଙ୍କୁ କେବଳ ନିଷ୍ପତ୍ତି ବିଷୟରେ ଅବଗତ କରାଯାଇଥିଲା ଏବଂ ସେମାନଙ୍କ ସହିତ ପରାମର୍ଶ କରାଯାଇ ନଥିଲା। ତେଣୁ, ବିବୃତ୍ତିରେ ପରିବର୍ତ୍ତନ ଏବେ ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠାଇଥାଏ। ଏବେ, ସେମାନଙ୍କର ନୂତନ ବିବୃତ୍ତିରେ କୁହାଯାଇଛି ଯେ ଖେଳାଳି ଏବଂ ବୋର୍ଡ ଜାତୀୟ ସମ୍ମାନ ଏବଂ କ୍ରିକେଟର ଭବିଷ୍ୟତକୁ ବିଚାରକୁ ନେଇ ଏହି ନିଷ୍ପତ୍ତି ନିଜେ ନେଇଛନ୍ତି। ସେମାନେ ଏହାକୁ ଜାତୀୟ ସ୍ୱାର୍ଥରେ ନିଆଯାଇଥିବା ଏକ ପଦକ୍ଷେପ ଭାବରେ ବର୍ଣ୍ଣନା କରିଛନ୍ତି। ଏହି ପରିବର୍ତ୍ତନ ସମଗ୍ର ବିବାଦର ଉତ୍ସ ପାଲଟିଛି।

ବର୍ତ୍ତମାନ, ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ ଏକ ସ୍ପଷ୍ଟ ଏବଂ ବିସ୍ତୃତ ବିବୃତ୍ତି ଅପେକ୍ଷା କରାଯାଇଛି। ଆଗାମୀ ଦିନରେ, ବିଶ୍ୱକପରୁ ଓହରିଯିବାର ପ୍ରକୃତ ନିଷ୍ପତ୍ତି କେଉଁ ସ୍ତରରେ ନିଆଯାଇଥିଲା ତାହା ସ୍ପଷ୍ଟ ହୋଇପାରେ। ଏହା ନିଶ୍ଚିତ ଯେ ଏହି ୟୁ-ଟର୍ଣ୍ଣ ପୁଣି ଥରେ କ୍ରୀଡ଼ା ଏବଂ ରାଜନୀତି ମଧ୍ୟରେ ସମ୍ପର୍କ ଉପରେ ଆଲୋଚନା ଆରମ୍ଭ କରିଛି। ଟି-୨୦ ବିଶ୍ୱକପ ଭଳି ଏକ ପ୍ରମୁଖ ପ୍ଲାଟଫର୍ମରୁ ନିଜକୁ ଦୂରେଇ ରଖିବା କୌଣସି ଦଳ ପାଇଁ ସହଜ ନୁହେଁ। ଏପରି ପରିସ୍ଥିତିରେ, ବାକଚାତୁରୀରେ ଏହି ପରିବର୍ତ୍ତନ ମାମଲାକୁ ଆହୁରି ଜଟିଳ କରିଛି।

# ଖେଳାଳିଙ୍କ ପ୍ରତି କଠୋର ହେଲା ବିସିସିଆଇ



**ନୂଆଦିଲ୍ଲୀ**

ଆଇସିସି ଟି୨୦ ବିଶ୍ୱକପ ଆରମ୍ଭ ହେବା ପୂର୍ବରୁ, ବିସିସିଆଇ ଟିମ ଇଣ୍ଡିଆର ଖେଳାଳିମାନଙ୍କ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ବୋର୍ଡ ସ୍ପଷ୍ଟ ଭାବରେ କହିଛି, ଖେଳାଳିମାନଙ୍କୁ ଟୁର୍ନାମେଣ୍ଟ ସମୟରେ ସେମାନଙ୍କ ପରିବାରକୁ ସାଙ୍ଗରେ ନେଇ ଯିବାକୁ ଅନୁମତି ଦିଆଯିବ ନାହିଁ। କିଛି ଟିମ ଇଣ୍ଡିଆର ଖେଳାଳି ଏବଂ ସହାୟକ କର୍ମଚାରୀ ବିଶ୍ୱାସ କରନ୍ତି ଯେ, ବିଶ୍ୱକପ ଭଳି ଏକ ଲମ୍ବା ଏବଂ ଦାବିପୂର୍ଣ୍ଣ ଟୁର୍ନାମେଣ୍ଟରେ ପରିବାରର ଉପସ୍ଥିତି ଖେଳାଳିମାନଙ୍କୁ ମାନସିକ ଶକ୍ତି ପ୍ରଦାନ କରେ। ଏହି ଚିନ୍ତାଧାରା ସହିତ ଟିମ ମ୍ୟାନେଜମେଣ୍ଟ ବିସିସିଆଇକୁ ଖେଳାଳିମାନଙ୍କୁ ସେମାନଙ୍କ ପତ୍ନୀ କିମ୍ବା ସାଥୀଙ୍କ ସହିତ ଯାତ୍ରା କରିବାକୁ ଅନୁମତି ଦେବାକୁ ଆବେଦନ କରିଥିଲା, କିନ୍ତୁ ବୋର୍ଡ ଏହି ପରାମର୍ଶକୁ ଗ୍ରହଣ କରିବାକୁ ମନା କରିଦେଇଛି।

ନିଜର ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇ ବିସିସିଆଇ କହିଛି ଯେ, ଖେଳାଳିମାନେ ବିଶ୍ୱକପ ଭଳି ଏକ ପ୍ରମୁଖ ଇଭେଣ୍ଟ ସମୟରେ କେବଳ କ୍ରିକେଟ ଉପରେ ଧ୍ୟାନ ଦେବା ଉଚିତ। ପରିବାର ସହିତ ରହିବା ଖେଳାଳିମାନଙ୍କୁ ବିଭ୍ରାନ୍ତ କରିପାରେ। ତେଣୁ ବୋର୍ଡ ପୁରୁଣା ନିୟମ ବଜାୟ ରଖିବାକୁ ନିଷ୍ପତ୍ତି ନେଇଛି।

ବିସିସିଆଇ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ, ଯଦି କୌଣସି ଖେଳାଳି ବ୍ୟକ୍ତିଗତ ଭାବରେ ତାଙ୍କ ପରିବାର ସହିତ ରହିବାକୁ ଚାହାଁନ୍ତି, ତେବେ ସେମାନେ ଏହା କରିପାରିବେ, କିନ୍ତୁ ଖେଳାଳିଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ଏବଂ ଖର୍ଚ୍ଚ ବହନ କରିବାକୁ ପଡିବ। ପରିବାର ଯାତ୍ରା ଦଳର ସରକାରୀ ଯାତ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହେବ ନାହିଁ।

ବିସିସିଆଇ ନିର୍ଦ୍ଦେଶାବଳୀ ଅନୁଯାୟୀ, ଯଦି ଏକ ବିଦେଶ ଗସ୍ତ ୪୫ ଦିନରୁ ଅଧିକ ସମୟ ପାଇଁ ରହିଥାଏ, ତେବେ ଖେଳାଳିମାନଙ୍କୁ ସୀମିତ ଅବଧି ପାଇଁ ସେମାନଙ୍କ ପରିବାର ସହିତ ରହିବାକୁ ଅନୁମତି ଦିଆଯାଇପାରେ। ୪୫ ଦିନରୁ କମ ସମୟ ପାଇଁ ଏହି ଅନୁମତି ଆହୁରି କମ ସମୟ ପାଇଁ ପ୍ରଦାନ କରାଯାଏ। ଟି୨୦ ବିଶ୍ୱକପ ସୂଚୀ ଏହି ଆବଶ୍ୟକତାଗୁଡ଼ିକୁ ପୂରଣ କରେ ନାହିଁ, ତେଣୁ ବୋର୍ଡ ନିୟମ ପରିବର୍ତ୍ତନ କରିବାକୁ ମନା କରିଛି। ଏହି କଠୋରତାର ମୂଳ ଭାରତର ସାମ୍ପ୍ରତିକ ଅଷ୍ଟ୍ରେଲିଆ ଗସ୍ତରେ ରହିଛି, ଯେଉଁଠାରେ ଦଳ ବର୍ଡର-ଗାଭାସ୍କର ଟ୍ରଫିରେ ନିରାଶାଜନକ ପରାଜୟ ବରଣ କରିଥିଲା। ଏହା ପରେ ବିସିସିଆଇ ଖେଳାଳି ଶୃଙ୍ଖଳା ଏବଂ ଧ୍ୟାନ ସମ୍ପର୍କରେ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛି, ଯାହା ଖେଳାଳି, ପ୍ରଶିକ୍ଷକ ଏବଂ ସହାୟକ କର୍ମଚାରୀଙ୍କ ପାଇଁ ସମାନ।

# ମ୍ୟାଚ ସମୟରେ ହ୍ୟାଣ୍ଡସେକ୍ କରିବେ ଭାରତ-ପାକିସ୍ତାନ ?



**ନୂଆଦିଲ୍ଲୀ**

୨୦୨୬ ଟି-୨୦ ବିଶ୍ୱକପରେ ଭାରତ ଏବଂ ପାକିସ୍ତାନ ପରସ୍ପରର ସାମ୍ନା କରିବେ ବୋଲି ନିଶ୍ଚିତ ହୋଇଛି। ପାକିସ୍ତାନ ପ୍ରଥମେ ଭାରତ ବିପକ୍ଷ ମ୍ୟାଚ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲା, କିନ୍ତୁ ପରେ ପିସିବି ଆଇସିସି ସହିତ ଏକ ବୈଠକରେ ତାଙ୍କ ପଥ ବଦଳାଇ ଦେଇଥିଲା। ଏହି ପଦକ୍ଷେପ ପୁଣିଥରେ ସମଗ୍ର କ୍ରିକେଟ ଜଗତରେ ପାକିସ୍ତାନର ସମ୍ମାନ ହାନି କରିଛି। ବାଂଲାଦେଶକୁ ଏକ ଆବରଣ ଭାବରେ ବ୍ୟବହାର କରି, ପାକିସ୍ତାନ ଭାରତ ବିରୁଦ୍ଧରେ ଏକ ଷଡ଼ଯନ୍ତ୍ର କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ପରେ ନିଜକୁ କୋଣଠେସା କରିଦେଇଥିଲା। ଏବେ ପ୍ରଶ୍ନ ଉଠୁଛି: ଫେବୃଆରୀ ୧୫ ତାରିଖରେ ମ୍ୟାଚ ସମୟରେ କ'ଣ ଭାରତୀୟ ଏବଂ ପାକିସ୍ତାନୀ ଖେଳାଳିମାନେ ହାତ ମିଳାଇବେ?

ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ ଫେବୃଆରୀ ୧୫ ତାରିଖରେ କଲମ୍ବୋ ଗ୍ରାଉଣ୍ଡରେ ହେବାକୁ ଯାଉଛି। ଲାହୋରରେ ଆଇସିସି ସହିତ ଏକ ବୈଠକରେ, ପାକିସ୍ତାନ କ୍ରିକେଟ ବୋର୍ଡ ସର୍ତ୍ତ ରଖିଥିଲା ଯେ ଭାରତୀୟ ଖେଳାଳିମାନେ ପାକିସ୍ତାନୀ ଦଳ ସହିତ ହାତ ମିଳାଇବେ। ପ୍ରକାଶିତ ରିପୋର୍ଟ ଅନୁସାରେ, ଏହା ହେବ ନାହିଁ। ଆଇସିସି ପାକିସ୍ତାନ ବୋର୍ଡର ଏହି ସର୍ତ୍ତକୁ ପ୍ରତ୍ୟାଖ୍ୟାନ କରିଛି। ଆଇସିସି ସ୍ପଷ୍ଟ କରିଛି ଯେ ଏହି ସର୍ତ୍ତକୁ ଗ୍ରହଣ କରାଯାଇପାରିବ ନାହିଁ କାରଣ ଏହା ସେମାନଙ୍କ ଅଧିକାର କ୍ଷେତ୍ର ବାହାରେ।

ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ଟିମ ଇଣ୍ଡିଆର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏସିଆ କପ ମ୍ୟାଚ ସମୟରେ ନୋ ହ୍ୟାଣ୍ଡସେକ୍' ପରମ୍ପରା ଆରମ୍ଭ କରିଥିଲେ। ଏହି ଅଭ୍ୟାସ ବିଭିନ୍ନ ଟୁର୍ଣ୍ଣାମେଣ୍ଟରେ ଜାରି ରହିଥିଲା। ମହିଳା ବିଶ୍ୱକପ, ରାଇଜିଂ ଷ୍ଟାର୍ସ ଏସିଆ କପ ଏବଂ ୧୯ ବର୍ଷରୁ କମ ବିଶ୍ୱକପରେ ମଧ୍ୟ କୌଣସି ହାତ ମିଳାଇବା ପରିଲକ୍ଷିତ ହୋଇନଥିଲା। ପାକିସ୍ତାନ ଏହି ପ୍ରସଙ୍ଗକୁ ବଢ଼ାଇବାକୁ ଯଥାସମ୍ଭବ ଚେଷ୍ଟା କରିଥିଲା, କିନ୍ତୁ ପରେ ଏହା ସ୍ପଷ୍ଟ ହୋଇଗଲା ଯେ କୌଣସି ନିୟମ ଖେଳାଳିମାନଙ୍କୁ ହାତ ମିଳାଇବାକୁ ବାଧ୍ୟ କରେ ନାହିଁ।

# ବିଶ୍ୱକପ ୨୦୨୬ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଦଳରେ ସାମିଲ ହେଲେ ବୈଭବ ସୂର୍ଯ୍ୟବଂଶୀ




**ନୂଆଦିଲ୍ଲୀ**

ଆଇସିସି ପୁରୁଷ ୧୯ ବର୍ଷରୁ କମ୍ ବିଶ୍ୱକପ ୨୦୨୬ରେ ଟିମ୍ ଇଣ୍ଡିଆର ଐତିହାସିକ ବିଜୟର ନାୟକ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛନ୍ତି। ଇଂଲଣ୍ଡ ବିପକ୍ଷରେ ଫାଇନାଲରେ ମାତ୍ର ୮୦ ବଲ୍‌ରେ ତାଙ୍କର ବିସ୍ଫୋରକ ୧୭୫ ରନର ଇନିଂସକୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଥିଲା। ଏହା ପରେ ବୈଭବଙ୍କୁ ମଧ୍ୟ ଆଇସିସି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ମନୋନୀତ କରାଯାଇଛି। ଏହି ଦଳକୁ ଆଇସିସି ଚୟନ ପ୍ୟାନେଲ ଦ୍ୱାରା ଚୟନ କରାଯାଇଥିଲା। ଏଥିରେ ଇଆନ ବିଶପ, ଲିଡିଆ ଗ୍ରୀନୱେ, ଆଣ୍ଡି ଫ୍ଲାୱାର ଏବଂ ଟେଲଫୋର୍ଡ ୱାଇଜ ସାମିଲ ଥିଲେ। ବୈଭବ ସୂର୍ଯ୍ୟବଂଶୀଙ୍କ ବ୍ୟତୀତ, ଅନ୍ୟ ଦୁଇ ଭାରତୀୟ ଖେଳାଳି, କନିଷ୍କ ଚୌହାନ ଏବଂ ହେନିଲ ପଟେଲଙ୍କୁ ମଧ୍ୟ ୧୨ ଜଣିଆ ଦଳରେ ସାମିଲ କରାଯାଇଥିଲା।

ଇଂଲଣ୍ଡ ବିପକ୍ଷରେ ଫାଇନାଲରେ ବୈଭବ ସୂର୍ଯ୍ୟବଂଶୀ ୧୭୫ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏହା ସମଗ୍ର ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଆକର୍ଷଣ ଥିଲା। ବୈଭବଙ୍କ ଚମତ୍କାର ପ୍ରଦର୍ଶନ ପାଇଁ ଟିମ ଇଣ୍ଡିଆ ଟାଇଟଲ ଜିତିଥିଲା। ବୈଭବଙ୍କ ବ୍ୟତୀତ, କନିଷ୍କ ଚୌହାନ ସମଗ୍ର ଟୁର୍ଣ୍ଣାମେଣ୍ଟରେ ବ୍ୟାଟ ଏବଂ ବଲ ଉଭୟରେ ଅବଦାନ ରଖିଥିଲେ। ହେନିଲ ପଟେଲ ତାଙ୍କ ଘାତକ ବୋଲିଂ ସହିତ ମୋଟ ୧୧ଟି ଉଇକେଟ ନେଇଥିଲେ, ଏଥିରେ ଆମେରିକା ବିପକ୍ଷରେ ୧୬ ରନ ଦେଇ ୫ଟି ଉଇକେଟ ନେଇଥିଲେ।

ଆଇସିସି ୧୯ ବର୍ଷରୁ କମ ବିଶ୍ୱକପ ୨୦୨୬ର ରନର୍ସଅପ ଇଂଲଣ୍ଡର ତିନି ଜଣ ଖେଳାଳିଙ୍କୁ ମଧ୍ୟ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଏକାଦଶରେ ସାମିଲ କରାଯାଇଛି। ଉଇକେଟକିପର-ବ୍ୟାଟସମ୍ୟାନ ଥମାସ ରିଭଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ରିଭ ଟୁର୍ନାମେଣ୍ଟରେ ମୋଟ ୩୩୦ ରନ କରିଥିଲେ। ଇଂଲଣ୍ଡର ମାନି ଲମ୍ସଡେନ, ଯିଏ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୧୬ ଉଇକେଟ ନେଇଥିଲେ ଏବଂ ବେନ ମାୟସ, ଯିଏ ୪୪୪ ରନ କରି ସର୍ବାଧିକ ରନ କରିଥିଲେ, ସେମାନେ ମଧ୍ୟ ଏହି ଦଳରେ ସାମିଲ ଅଛନ୍ତି।

ଶ୍ରୀଲଙ୍କାର ବୀରନ ଚାମୁଦିଥାଙ୍କୁ ମଧ୍ୟ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଏକାଦଶ ଦଳରେ ମନୋନୀତ କରାଯାଇଥିଲା। ଚାମୁଦିଥା ଜାପାନ ବିପକ୍ଷରେ ୧୯୨ ରନର ଐତିହାସିକ ଇନିଂସ ଖେଳିଥିଲେ। ଆଫଗାନିସ୍ତାନର ଫୈସଲ ଖାନ ସିନୋଜାଦା ଏବଂ ନୁରିସ୍ତାନି ଓମାରଜାଇ ସେମାନଙ୍କ ଦଳର ସେମିଫାଇନାଲରେ ପହଞ୍ଚିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଫୈସଲ ଆୟରଲାଣ୍ଡ ଏବଂ ଭାରତ ବିପକ୍ଷରେ ଲଗାତାର ଦୁଇଟି ଶତକ ହାସଲ କରିଥିଲେ, ଯେତେବେଳେ ନୁରିସ୍ତାନି ଟୁର୍ଣ୍ଣାମେଣ୍ଟରେ ୧୪ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆର ଅଧିନାୟକ ଅଲିଭର ପିକ ମଧ୍ୟ ଦୁଇଟି ଶତକ ହାସଲ କରିଥିଲେ। ପାକିସ୍ତାନର ଅଲି ରାଜା ଏବଂ ୱେଷ୍ଟଇଣ୍ଡିଜର ବାମହାତୀ ସ୍ପିନର ଭିଟେଲ ଲଜ ମଧ୍ୟ ସେମାନଙ୍କର ବୋଲିଂ ଦ୍ୱାରା ଦୃଷ୍ଟି ଆକର୍ଷଣ କରିଥିଲେ।

ଆଇସିସି ୧୯ ବର୍ଷରୁ କମ ବିଶ୍ୱକପ ୨୦୨୬ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଦଳ: ବୈଭବ ସୂର୍ଯ୍ୟବଂଶୀ (ଭାରତ), ବୀରନ ଚାମୁଦିତା (ଶ୍ରୀଲଙ୍କା), ଫୈସଲ ଖାନ ସିନୋଜାଦା (ଆଫଗାନିସ୍ତାନ), ଥମାସ ରିଭସ (ଉଇକେଟକିପର, ଅଧିନାୟକ – ଇଂଲଣ୍ଡ), ଅଲିଭର ପିକ (ଅଷ୍ଟ୍ରେଲିଆ), ବେନ ମାୟେସ (ଇଂଲଣ୍ଡ), କନିଷ୍କ ଚୌହାନ (ଭାରତ), ନୁରିସ୍ତାନି ଓମାରଜାଇ (ଆଫଗାନିସ୍ତାନ), ଭିଟେଲ ଲଜ (ୱେଷ୍ଟଇଣ୍ଡିଜ), ଅଲି ରାଜା (ପାକିସ୍ତାନ), ମାନି ଲୁମସଡେନ (ଇଂଲଣ୍ଡ) ଏବଂ ହେନିଲ ପଟେଲ (ଭାରତ)।

# ବରଗଡ଼ ମହିଳା ସମିତିର ପାର୍ବତୀ ଗିରିଙ୍କ ସେବା ଓ ସମର୍ପଣର ପ୍ରତୀକ ମାତୃନିକେତନ ପରିଦର୍ଶନ

**ବରଗଡ, ନ୍ୟୁଜ୍‌ବ୍ୟୁରୋ**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସେବା ଓ ସମର୍ପଣର ପ୍ରତୀକ ପାର୍ବତୀ ଗିରିଙ୍କ ଦ୍ୱାରା ପ୍ରତିଷ୍ଠିତ କସ୍ତୁରବା ଗାନ୍ଧୀ ମାତୃନିକେତନକୁ ସୋମବାର ଦିନ ବରଗଡ଼ ମହିଳା ସମିତିର ଏକ ୩୫ ଜଣିଆ ଦଳ ପରିଦର୍ଶନରେ ଆସିଥିଲେ। ସେମାନେ ଅନ୍ତେବାସୀ ମାନଙ୍କ ସହ ଦୀର୍ଘ ସମୟ ବିତାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ତେବାସୀ ପୁଅ ଝିଅ ମାନଙ୍କୁ ଖାତାପତ୍ର, ଡ଼ଟପେନ୍, ପେନ୍ସିଲ ଓ କଟର, ରବର, ସ୍କେଲ, କମ୍ପାସ ବକ୍ସ ସାଙ୍ଗକୁ ବିଭିନ୍ନ ଫଳ, ବିସ୍କୁଟ, ଚିପସ, ବ୍ୟାଗ୍ ଆଦି ଉପହାର ଦେଇଥିଲେ। ପାର୍ବତୀ ଗିରିଙ୍କ ସହଯୋଗୀ ନିରୁପମା ମହାପାତ୍ର (ନିରୁ ଅପା)ଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝି ଆରୋଗ୍ୟ କାମନା କରିଥିଲେ। ଏହାପରେ ପ୍ରତିନିଧି ଦଳ ନୃସିଂହନାଥ ମନ୍ଦିର ପରିଦର୍ଶନ କରି ପ୍ରସାଦ ପାଇଥିଲେ। ମାତୃନିକେତନ ଓ ମନ୍ଦିର ସମ୍ପର୍କରେ ଖୁବ୍ ଶୀଘ୍ର ଜିଲ୍ଲା ପ୍ରଶାସନ ସହ ମହିଳା ସମିତି ଆଲୋଚନା କରିବ ବୋଲି ସମିତିର ସଭାନେତ୍ରୀ ଅଞ୍ଜନା ଦାସ, ସମ୍ପାଦିକା ସୁଧାଂଶୁବାଲା ଦାଶ ଓ ମମତା ମିଶ୍ର ସୂଚନା ଦେଇଛନ୍ତି।

ଭୁବନେଶ୍ୱର, ୧୨ ଫେବୃୟାରୀ, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

## ଓଡ଼ିଶାର ଜଳରାଶିରେ ଶୋଭା ବୃଦ୍ଧି କରୁଛନ୍ତି ୬ ପ୍ରଜାତିର ଡଲଫିନ୍

**ଭୁବନେଶ୍ୱର, ୧୧/୦୨ ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଜଳରାଶିରେ ଶୋଭା ବଢ଼ାଉଛନ୍ତି ୬ ପ୍ରଜାତିର ଡଲଫିନ୍। ଚିଲିକା ପ୍ରସିଦ୍ଧ ଇରାୱାଡି ସହ ବୋଟଲନୋଜ୍, ହମ୍ପବ୍ୟାକ୍, ସ୍ପିନର, ଫିନ୍ଲେସ୍ ପ୍ରଜାତିର ଡଲଫିନ ଦେଖିବାକୁ ମିଳୁଛି। ସଦ୍ୟତମ ଗଣନାରୁ ରାଜ୍ୟରେ ମୋଟ ୭୬୫ଟି ଡଲଫିନ୍ ଓ ଅନ୍ୟାନ୍ୟ ସେଟାସିଆନ୍ ଥିବା ଜଣାପଡ଼ିଛି। ସେଥିରୁ ୪୯୫ଟି ହେଉଛନ୍ତି ହମ୍ପବ୍ୟାକ୍ ଡଲଫିନ୍। ଗତ ୫ ବର୍ଷରେ ରେକର୍ଡ ସଂଖ୍ୟକ ଡଲଫିନ୍ ରାଜ୍ୟରେ ଥିବା ଏହି ଗଣନାରୁ ଜଣାପଡ଼ିଛି। ଡଲଫିନ୍ ଗଣନା ତଥ୍ୟରୁ ଜଣାପଡ଼ିଛି ଯେ, ଚିଲିକା ହ୍ରଦର ପ୍ରମୁଖ ପ୍ରଜାତି ଇରାୱାଡି ଡଲଫିନର ବାସସ୍ଥାନ ବିସ୍ତାର ହେବାରେ ଲାଗିଛି। ରାଜ୍ୟରେ ମୋଟ ଇରାୱାଡି ଡଲଫିନ୍ ଙ୍କ ସଂଖ୍ୟା ୨୦୮ । ସେଥିରୁ ୧୫୯ଟି ଇରାୱାଡି ଚିଲିକାରେ ନଜର ଆସିଛି। ୨୦୨୦-୨୧ରେ ୨୦୯ଟି, ତା' ପରବର୍ଷ ୨୦୮ଟି ଇରାୱାଡି ଡଲଫିନ୍ ଚିଲିକାରେ ଥିଲେ । ମାତ୍ର ୧୬ଟି ହମ୍ପବ୍ୟାକ୍ ଚିଲିକା ଜଳରାଶିରେ ଦେଖିବାକୁ ମିଳିଛି । ବାଲେଶ୍ୱର ବନଖଣ୍ଡରେ ପ୍ରାୟ ୧୫ଟି, ବ୍ରହ୍ମପୁର ବନଖଣ୍ଡର ସାମୁଦ୍ରିକ ଜଳରାଶିରେ ୧୩ଟି ଇରାୱାଡିଂ ଡଲଫିନ୍ ଅଛନ୍ତି । କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବ୍ରହ୍ମପୁର ଡିଭିଜନରେ ଏହି ଡଲଫିନ୍ ଉପସ୍ଥିତି ଜାହିର୍ କରିଛି । ପୁରୀ ବନଖଣ୍ଡରେ ୧୨ଟି ଇରାୱାଡି ଡଲଫିନ୍ ଥିବା ଗଣନା ରିପୋର୍ଟରୁ ଜଣାପଡ଼ିଛି । ତିନି ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ପୁରୀରେ ଏହି ସ୍ତନ୍ୟପାୟୀ ପ୍ରାଣୀଙ୍କୁ ଦେଖିବାକୁ ମିଳିଛି । ୨୦୨୩ରେ ୪ଟି ଇରାୱାଡି ଡଲଫିନ୍ ଦୃଶ୍ୟମାନ ହୋଇଥିଲା । ହେନ୍ତାଳବଣ ଭରା ରାଜନଗରରେ ଏହି ଇରାୱାଡ଼ି ଜଳଜୀବ ସ୍ତନ୍ୟପାୟୀ ପ୍ରାଣୀଙ୍କ ସଂଖ୍ୟା ବହୁତ କମ୍। ମାତ୍ର ୯ରେ ସୀମିତ । କିନ୍ତୁ ସର୍ବାଧିକ ୪୭୪ଟି ହମ୍ପବ୍ୟାକ୍ ଡଲଫିନ୍ ରାଜନଗରରେ ଅଛନ୍ତି । ୫ଟି ବୋଟଲନୋଜ, ୩ଟି ସ୍ପିନର, ୨ଟି ଫଇନଲେସ୍ ପରପୋଇଜ୍ ପ୍ରଜାତିକୁ ନେଇ ରାଜନଗରରେ ସର୍ବାଧିକ ୪୯୩ଟି ଡଲଫିନ୍ ଦୃଶ୍ୟମାନ । ଗତବର୍ଷ ଗଣନା ତୁଳନାରେ ରାଜନଗରରେ ୧୨ଟି ଡଲଫିନ କମ ଅଛନ୍ତି । ଏହାବାଦ୍ ରାଜ୍ୟରେ ୫୫ଟି ବୋଟଲ-ନୋଜ୍, ୩ଟି ସ୍ପିନର ଓ ୨ଟି ଫିନ୍ଲେସ୍ ପରପୋଇଜ୍ ପ୍ରଜାତିର ଡଲଫିନ ଥିବା ଗଣନାରୁ ଜଣାପଡ଼ିଛି । ଭଦ୍ରକ ବନଖଣ୍ଡରେ ୩ଟି, ପୁରୀରେ ୪ଟି ହମ୍ପବ୍ୟାକ୍ ଅଛନ୍ତି । ପିସିସିଏଫ୍(ବନ୍ୟପ୍ରାଣୀ) ପ୍ରେମ କୁମାର ଝା କହିଛନ୍ତି ଯେ ଓଡ଼ିଶା ଉପକୂଳ ସଂରକ୍ଷଣ କ୍ଷେତ୍ରରେ ଏହା ଅସାଧାରଣ ସଫଳତା। ଡଲଫିନ୍ ଙ୍କ ବଂଶବିସ୍ତାର ସ୍ଥାୟୀ ବାସସ୍ଥାନ ସୁରକ୍ଷା, ସ୍ଥାନୀୟ ସମ୍ପ୍ରଦାୟର ସମ୍ପୃକ୍ତି, ବୈଜ୍ଞାନିକ ତଦାରଖ, ବନ୍ୟଜନ୍ତୁରେ ସମନ୍ୱିତ ସଂରକ୍ଷଣ ପ୍ରୟାସ କ୍ଷେତ୍ରରେ ବେଶ ପ୍ରଶଂସନୀୟ ପଦକ୍ଷେପ । ପ୍ରାୟ ୧,୧୦୦ ବର୍ଗ କିଲୋମିଟର ଲୁଣି ଜଳ ହ୍ରଦ ଇରାୱାଡି ଡଲଫିନଙ୍କ ପାଇଁ ଏକ ସୁରକ୍ଷିତ ଘର ଭାବରେ ପରିଚିତ କିନ୍ତୁ ଏହି ଜଳଜୀବର ଅନ୍ୟତ୍ର ଉପସ୍ଥିତି ନିହାତି ଖୁସିର କଥା । ଇରାୱାଡିର ବାସସ୍ଥାନ ବିସ୍ତାରକୁ ନେଇ ଗବେଷଣା କରାଯିବ।

## ନାଲ୍କୋ ସବୁଜ କରିଡର ପାଇଁ ବିଏମସି ସହିତ ବୁଝାମଣାପତ୍ର ସ୍ୱାକ୍ଷର

**ଭୁବନେଶ୍ୱର,୧୧/୦୧ ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ନବରତ୍ନ ସିପିଏସଇ, ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍କୋ), ଏହାର ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱରରେ ଗ୍ରୀନ୍ କରିଡର ବୃଦ୍ଧି ପଦକ୍ଷେପ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି) ସହିତ ଏକ ଏମଓୟୁ ସ୍ୱାକ୍ଷର କରିଛି। ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍‌ର ମେୟର ସୁଲୋଚନା ଦାସ, ଚଞ୍ଚଳ ରାଣା, ଆଇଏଏସ୍, କମିଶନର, ବିଏମସି ଏବଂ ଉଭୟ ସଂଗଠନର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ନାଲ୍କୋ



ଫାଉଣ୍ଡେସନ୍ ଏବଂ ବିଏମସି ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଏହି ପଦକ୍ଷେପ ଅଧୀନରେ ଜୟଦେବ ବିହାର ଛକରୁ କଳିଙ୍ଗ ହସ୍ପିଟାଲ୍ ଛକ ପର୍ଯ୍ୟନ୍ତ ୨.୩ କିଲୋମିଟର ମଧ୍ୟମା ରାସ୍ତାର ବିକାଶ ଏବଂ ରକ୍ଷଣାବେକ୍ଷଣ ପାଇଁ ନାଲ୍କୋ ଆର୍ଥିକ ସହାୟତା ପ୍ରଦାନ କରିବ, ଯେଉଁଥିରେ ପ୍ରାୟ ୧,୦୬,୫୨୪ ବର୍ଗ ମିଟର ଅଞ୍ଚଳ ଅନ୍ତର୍ଭୁକ୍ତ ହେବ। ବିଏମସି ନୋଡାଲ୍ ଏଜେନ୍ସି ଭାବରେ କାର୍ଯ୍ୟ କରିବ ଏବଂ ଓଏଫଡିସି ମାଧ୍ୟମରେ ପ୍ରକଳ୍ପ କାର୍ଯ୍ୟକାରୀ କରିବ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ସହରାଞ୍ଚଳ ସବୁଜ ଆବରଣକୁ ସୁଦୃଢ଼ କରିବା ଏବଂ ଭୁବନେଶ୍ୱରରେ ସ୍ଥାୟୀ ପରିବେଶ ପରିଚାଳନାକୁ ପ୍ରୋତ୍ସାହିତ କରିବ।

# ୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଗାଁ'କୁ ପାଇପ୍ ଜଳ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୧/୦୨ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଦୂର ହେବ ପାନୀୟ ଜଳ କ୍ଲିଷ୍ଟ। ପ୍ରତ୍ୟେକ ଗାଁ'ରେ ପହଁଚିବ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା । ଏଥିପାଇଁ ରୋଡ଼ ମ୍ୟାପ ପ୍ରସ୍ତୁତ କରିଛନ୍ତି ମୋହନ ସରକାର। ୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଗାଁ'କୁ ପାଇପ୍ ଜଳ ଯୋଗାଣ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଗ୍ରାମୀଣ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଗ୍ରାମୀଣ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି । ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସବୁ ଗ୍ରାମକୁ ପାଇପ୍ ଜଳ ଯୋଗାଣ ସୁବିଧା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ମିଶନ ମୋଡରେ କାର୍ଯ୍ୟକାରୀ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେପରି ସମସ୍ତ ଗ୍ରାମଗୁଡ଼ିକୁ ପାନୀୟ ଜଳ ସୁବିଧା ଯୋଗାଇ ଦିଆଯିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ବିଭାଗକୁ ପରାମର୍ଶ ଦେଇଛନ୍ତି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନ ରାଜ୍ୟର ୪୬, ୫୩୧ ଟି ଗ୍ରାମ ମଧ୍ୟରୁ ୨୧, ୭୨୧ ଟି ଗ୍ରାମରେ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଉପଲବ୍ଧ ଅଛି । ଏହା ସହିତ ସୌରଶକ୍ତି, ମେଗା ପାନୀୟ ଜଳ ପ୍ରକଳ୍ପ ଆଦି ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ନିର୍ମାଣାଧୀନ ଅଛି । ସମସ୍ତ ପ୍ରକଳ୍ପ ଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରି ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଓଡ଼ିଶାରେ ପାଇପ ପାଣି ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାର ୫୪ ହଜାର କୋଟି ଟଙ୍କାର ଯୋଜନା କରିଛନ୍ତି । ତନ୍ମଧ୍ୟରୁ ଜଳ ଜୀବନ ମିଶନ୍



ଯୋଜନାରେ ୩୨, ୧୨୮ କୋଟି ଟଙ୍କାର ପ୍ରାବଧାନ ରହିଥିବା ବେଳେ ଅବଶିଷ୍ଟ ୨୧, ୧୦୯ କୋଟି ଟଙ୍କା ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଯୋଗାଇ ଦେଉଛନ୍ତି । ୨୦୧୭ରୁ ୧୨ ଜୁନ ୨୦୨୪ ମଧ୍ୟରେ ରାଜ୍ୟରେ ୩ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଜୁନ ୨୦୨୪ରୁ ବର୍ତ୍ତମାନ ସୁଦ୍ଧା ୨୩ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିଭଳି ଜୁନ ୨୦୨୪ ପରେ ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଥାତ୍ ମାତ୍ର ୨୦ ମାସ ମଧ୍ୟରେ ରାଜ୍ୟରେ ୨, ୯୫୧ଟି ଏକକ ଗ୍ରାମ ପ୍ରକଳ୍ପ, ୨୭୦୨ଟି ସୌର ଶକ୍ତି ପାନୀୟ ଜଳ ପ୍ରକଳ୍ପଏବଂ ୨୬୧୩୭ଟି ନଳକୂପ ସ୍ଥାପିତ ହୋଇଛି। ବୈଠକରେ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍, ନିର୍ଦ୍ଦେଶକ ପାନୀୟ ଜଳ ଓ ପରିମଳ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟରେ ହାତୀ ସଂଖ୍ୟା ବଢ଼ିବା ଚିନ୍ତାର କାରଣ ଜଙ୍ଗଲ ପରିସୀମା ବଢ଼ାଇବାକୁ ଚାଲିଛି ଯୋଜନା

**ଭୁବନେଶ୍ୱର ୧୧|୨ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ହାତୀ ଆକ୍ରମଣରେ ମୃତ୍ୟୁ ସଂଖ୍ୟା ବଢୁଥିବା ନେଇ ପ୍ରତିକ୍ରିୟା ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ମନ୍ତ୍ରୀ କହିଛନ୍ତି, ହାତୀ ପାଖକୁ ଯାଅନି, ସେଲ୍ଫି ନିଅନି । ବିଭିନ୍ନ ସ୍ଥାନରେ ମୋବାଇଲ ଧରି ହାତୀ ପଛରେ ଗୋଡ଼ାଇବା ଚିତ୍ର ସାମ୍ନାକୁ ଆସୁଛି । ହାତୀ ଆସିଲେ ମାଇକ୍ ଯୋଗେ ସଚେତନ କରାଯାଉଛି । ରାଜ୍ୟରେ ହାତୀ ସଂଖ୍ୟା ବଢିବା ଚିନ୍ତାର କାରଣ । ୧୮୦୦ ଜାଗାରେ ୨୩୦୦ରୁ ଅଧିକ ହାତୀ ଅଛନ୍ତି । ଅଧିକ ହାତୀଙ୍କୁ ମ୍ୟାନେଜ ପାଇଁ କେନ୍ଦ୍ରୀୟ ଅଧିକାରୀଙ୍କ ସହ ଆଲୋଚନା ହେବ । ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ସହ ଆଲୋଚନା ସରିଛି । ଜଙ୍ଗଲ ପରିସୀମା ବଢ଼ାଇବାକୁ ଯୋଜନା କରାଯାଉଛି । ବାଉଁଶ ସହ ହାତୀ ଖାଦ୍ୟ ଜଙ୍ଗଲରେ ଲଗାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି ବୋଲି ମନ୍ତ୍ରୀ କହିଛନ୍ତି ।

### ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୧/୦୨/୨୦୨୬
୪,୫୮,୪୪୫ ଟଙ୍କା
ସୁନା:- ୦୧ ଗ୍ରାମ୍ ୧୦୦ ମିଲିଗ୍ରାମ୍
ରୂପା:-୧୨ ଗ୍ରାମ୍ ୦୦୦ ମିଲିଗ୍ରାମ୍

## ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ସମ୍ପନ୍ନ ହେଲା ଶ୍ରୀମୁଖ ଶୃଙ୍ଗାର



**ପୁରୀ ୧୧/୦୨ ନ୍ୟୁଜ ବ୍ୟୁରୋ**

ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପନ୍ନ ହୋଇଛି। ଦଇତମହାପାତ୍ର ସେବକମାନେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ସିଂହାର କରିଥିଲେ। ଏହି ବିଶେଷ ନୀତି ପାଇଁ ଅପରାହ୍ଣରେ ଭକ୍ତଙ୍କ ପାଇଁ ଦର୍ଶନ କଟକଣା ରହିଥିଲା। ଭକ୍ତମାନେ ଠାକୁରଙ୍କ ଦର୍ଶନ ପାଇ ନଥିଲେ। ଅପରାହ୍ଣରେ ଦ୍ୱିତୀୟ ଭୋଗମଣ୍ଡପ ନୀତି ସରିଲା ପରେ ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ବନକଲାଗି ନୀତି ।

ଦଇତମହାପାତ୍ର ସେବକମାନେ ଠାକୁରଙ୍କ ଶ୍ରୀମୁଖ ସିଂହାର କରିବା ପାଇଁ ଗର୍ଭଗୃହକୁ ପ୍ରବେଶ କରିଥିଲେ। ବନକଲାଗି ପାଇଁ ହିଙ୍ଗୁଳ, ହରିତାଳ, ଶଙ୍ଖ, କେଶର, କର୍ପୂର, କଇଥ ଅଠା, କସ୍ତୁରୀ ଓ କଳା ଇତ୍ୟାଦି ବ୍ୟବହାର କରାଯାଇଥିଲା। ଏହାଦ୍ୱାରା ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗର ଶ୍ରୀବୃଦ୍ଧି ଘଟିଥିଲା। ମହାପ୍ରଭୁଙ୍କର ଏହା ଗୁପ୍ତ ନୀତି ହୋଇଥିବାରୁ ସାଧାରଣ ଦର୍ଶନ ଉପରେ କଟକଣା ରଖାଯାଇଥିଲା। ଅପରାହ୍ଣ ସମୟରେ କିଛି ଘଣ୍ଟା ପାଇଁ ସାଧାରଣ ଦର୍ଶନ ବନ୍ଦ ରହିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଥିଲା।

### ଅଦାଲତ ଅବମାନନା ମାମଲାରେ

## ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ହାଇକୋର୍ଟ ନୋଟିସ୍

**କଟକ, ୧୧/୦୨ ନ୍ୟୁଜ ବ୍ୟୁରୋ**

ଅଦାଲତ ଅବମାନନା ମାମଲାରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ହାଇକୋର୍ଟ ପୁଲିସ ନୋଟିସ୍ ଜାରି କରିଛନ୍ତି। ପୁଲିସ କୁଳପତିଙ୍କୁ ଅଦାଲତ ଅବମାନନା ମାମଲାର ନୋଟିସ ପ୍ରଦାନ କରିବା ସହିତ କାର୍ଯ୍ୟକାରୀ ରିପୋର୍ଟ ହାଇକୋର୍ଟରେ ଦାଖଲ କରିବ। ଏଥିରେ ଅବହେଳା ହେଲେ ଶୃଙ୍ଖଳାଗତ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇପାରେ ବୋଲି ହାଇକୋର୍ଟ କହିଛନ୍ତି। ଫେବ୍ରୁଆରି ୨୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ମୁରଲୀଧର ସ୍ୱାଇଁଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପାଳନ ନ କରିବା 'ଅଦାଲତ ଅବମାନନା ଆଇନ, ୧୯୭୧'ର ଧାରା ୧୧ ଓ ୧୨, ସମ୍ବିଧାନର ଅନୁଚ୍ଛେଦ



୨୧୫ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ। ଏଥିପାଇଁ ଜେଲ୍‌ଦଣ୍ଡ ସହ ବ୍ୟକ୍ତିଗତ ଭାବେ ହାଜର ହେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇପାରେ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ସିନିୟର ଆସିଷ୍ଟାଣ୍ଟ ତଥା ଆବେଦନକାରୀଙ୍କୁ ପିଛିଲା ତାରିଖରୁ ପଦୋନ୍ନତି, ୧୨ ପ୍ରତିଶତ ବାର୍ଷିକ ସୁଧ ସହିତ ବକେୟା ପ୍ରାପ୍ୟ ପ୍ରଦାନ ସପକ୍ଷରେ ୨୦୨୫ ଅକ୍ଟୋବରରେ ହାଇକୋର୍ଟ ରାୟ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀରେ ଅବହେଳା ଅଭିଯୋଗ କରି ଆବେଦନକାରୀ ଅଦାଲତ ଅବମାନନା ମାମଲା ରୁଜୁ କରିଛନ୍ତି।

### ଭିଜିଲାନ୍ସ ଜାଲରେ ଜୁନିଅର ଆସିଷ୍ଟାଣ୍ଟ

## ସରକାରୀ ଟଙ୍କାରେ ଗଢିଥିଲେ କଳା ସାମ୍ରାଜ୍ୟ

**ଭୁବନେଶ୍ୱର, ୧୧/୦୨ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଅନୁଗୁଳ ସିଡିଏମଓ ଅଫିସର ଜୁନିଅର ଆସିଷ୍ଟାଣ୍ଟ ସୁବ୍ରତ କୁମାର ବେହେରା। ୨ କୋଟି ୩୮ ଲକ୍ଷ ଟଙ୍କାର ସରକାରୀ ଅର୍ଥ ହେରଫେର ଅଭିଯୋଗ। ୫ଟି ସ୍ଥାନରେ ଭିଜିଲାନ୍ସ ଚଢାଉ କରିଛି। ଏହି ରେଡ୍ ରେ ୫ ଜଣ ଡିଏସଏସପି, ୮ ଜଣ ଇନ୍ସପେକ୍ଟର, ୧୪ ଜଣ ଏଏସଆଇ ଏବଂ ଅନ୍ୟ ଅଧିକାରୀମାନେ ସାମିଲ ଅଛନ୍ତି। ଅନୁଗୁଳ ସହର ସ୍ଥିତ ହାକିମପଡାରେ ସୁବ୍ରତ କୁମାର ବେହେରାଙ୍କ ତିନି ମହଲା ଘର, ଅଫିସ୍ ସମେତ ବୋଣ୍ଡାରେ ଥିବା ସମ୍ପର୍କୀୟଙ୍କ ଘର, ଢେଙ୍କାନାଳ ହିନ୍ଦୋଳ ସ୍ଥିତ ପୈତୃକ ଘର, ଭୁବନେଶ୍ୱର ଶ୍ରୀ ବିହାର ସ୍ଥିତ ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ଚଢାଉ କରିଛି। ରେଡ୍ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି।

### ଆଇସିୟୁ ବେଡ୍‌ରୁ ରୋଗୀ ଖସିପଡ଼ିବା ଘଟଣାରେ କାର୍ଯ୍ୟାନୁଷ୍ଠାନ

# ବଦଳିଲେ ପ୍ରଫେସର ଓ ୩ ନର୍ସିଂ ଅଫିସର

**କଟକ, ୧୧/୦୨ ନ୍ୟୁଜ ବ୍ୟୁରୋ**

ଏସ୍‌ସିବି ମେଡିକାଲ୍ ଆଇସିୟୁରେ ରୋଗୀ ଛଟପଟ ଦୃଶ୍ୟ ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ଡ୍ୟୁଟିରେ ଥିବା ଡାକ୍ତର, ନର୍ସିଂ ଅଫିସର ଏବଂ ଅନ୍ୟ କର୍ମଚାରୀମାନେ କର୍ତ୍ତବ୍ୟରେ ଅବହେଳା କରିଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। କର୍ତ୍ତବ୍ୟରେ ଅବହେଳା କରିଥିବା ଜଣେ ପ୍ରଫେସରଙ୍କ ସମେତ ନର୍ସିଂ ଇନ୍‌ଚାର୍ଜ, ଦୁଇ ଜଣ ନର୍ସିଂ ଅଫିସର, ୩ ଜଣ ସୁରକ୍ଷା କର୍ମୀଙ୍କୁ ଅଧୀକ୍ଷକ ବଦଳି କରିଛନ୍ତି। ପୂର୍ଣ୍ଣାଙ୍ଗ ତଦନ୍ତ ରିପୋର୍ଟ ଆସିବା ପରେ ଡ୍ୟୁଟିରେ ଥିବା ନର୍ସିଂ ଅଫିସରଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି ।

ଅନ୍ୟପକ୍ଷରେ ମେଡିସିନ୍ ଆଇସିୟୁରେ ରୋଗୀଙ୍କୁ ଉପଯୁକ୍ତ ଦେଖାଶୁଣା ଓ ସୁରକ୍ଷା ପାଇଁ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରାଯାଇଛି। ଆଇସିୟୁ ପରିଚାଳନା ଲାଗି ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ଆସୋସିଏଟ୍ ପ୍ରଫେସର ନିର୍ମଳ ସାହୁ ଓ ଅନ୍ୟ ଜଣେ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସହ ୬ ଜଣ ନର୍ସିଂ ଅଫିସର, ୬ ଜଣ ଆଟେଣ୍ଡାଣ୍ଟ, ୪ ଜଣ ସିକ୍ୟୁରିଟି ଗାର୍ଡଙ୍କୁ ନିୟୋଜିତ କରାଯାଇଛି। ସେହିପରି ଆଇସିୟୁ ଡ୍ୟୁଟି ରୁମ୍‌ରେ ୪ଟି କ୍ୟାମେରା ଲଗାଇବା ପାଇଁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ରିଲିଭର ବା ବଦଳିଆ କର୍ମଚାରୀ ନ ଆସିବା ପର୍ଯ୍ୟନ୍ତ ନର୍ସିଂ ଅଫିସର କିମ୍ବା



ଆଟେଣ୍ଡାଣ୍ଟ ଡ୍ୟୁଟି ଛାଡ଼ି ନଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ରାଜନୈତିକ ବ୍ୟକ୍ତି ବିଶେଷ, ନିର୍ବାଚିତ ପ୍ରତିନିଧି କିମ୍ବା ସରକାରୀ ପଦାଧିକାରୀଙ୍କୁ ବିନା ଅନୁମତିରେ ଆଇସିୟୁ ଭିତରକୁ ନଛାଡ଼ିବା ପାଇଁ କୁହାଯାଇଛି। ଆଇସିୟୁରେ ଚିକିତ୍ସାଧୀନ ରୋଗୀଙ୍କୁ ଦିନକୁ ଦୁଇ ଥର ସାକ୍ଷାତ କରିବା ପାଇଁ ପୂର୍ବରୁ ଧାର୍ଯ୍ୟ ନିୟମ କଡ଼ାକଡ଼ି ପାଳନ କରାଯିବ। ଅଯଥାରେ ସମ୍ପର୍କୀୟ ଆଇସିୟୁ ଭିତରକୁ ନଯିବା ପାଇଁ ଅଧୀକ୍ଷକ ପରାମର୍ଶ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ହେଲେ ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀମାନେ ଦାୟୀ ରହିବେ ବୋଲି ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସିକ୍ୟୁରିଟି ସଂସ୍ଥାକୁ ନିର୍ଦ୍ଦେଶ ଦେଇଛି। ସେପଟେ ମେଡିସିନ୍ ଆଇସିୟୁରେ କର୍ମଚାରୀଙ୍କ ଅବହେଳା ଯୋଗୁଁ ବୃଦ୍ଧ ରୋଗୀଙ୍କର ମୃତ୍ୟୁ ଘଟିଛି। ସମ୍ପୃକ୍ତ ରୋଗୀଙ୍କ ହାତରେ ସଂଯୋଗ ହୋଇଥିବା ଭେନ୍ ଫ୍ଲୋ ଛୁଞ୍ଚି ହାତରୁ ଖସି ରକ୍ତ ନିର୍ଗତ ହେଉଥିବାର ଭିଡିଓ ଗତକାଲି ଭାଇରାଲ୍ ହେଉଥିଲା। ଏହି ଘଟଣାକୁ ନେଇ ଆଜି ତମ୍ବିତୋଫାନ ଚାଲିଥିବା ବେଳେ ସମ୍ପୃକ୍ତ ବୃଦ୍ଧ ରୋଗୀଙ୍କ ମୃତ୍ୟୁ ପରେ ଏସ୍‌ସିବି ଆଇସିୟୁ କର୍ମଚାରୀଙ୍କ ପାଇଁ ଏବେ ଅଡୁଆ ବଢ଼ିଛି। ମୃତକଙ୍କ ନାଁ ରାଜକିଶୋର ଖୁଣ୍ଟିଆ (୮୬) । ତାଙ୍କ ଘର ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳରେ । ଆଇସିୟୁ କର୍ମଚାରୀଙ୍କ ଦାୟିତ୍ୱହୀନତା ପାଇଁ ମୋ ବାପାଙ୍କର ମୃତ୍ୟୁ ଘଟିଲା ବୋଲି ପୁଅ ମହେଶ ଖୁଣ୍ଟିଆ ଅଭିଯୋଗ କରିଛନ୍ତି । ମହେଶ କହିଛନ୍ତି, ମୋ ବାପାଙ୍କର ଶ୍ୱାସ ସମସ୍ୟା ଥିବାରୁ ଗତ ୨ ତାରିଖରେ ଯାଜପୁର ମେଡିକାଲ୍‌ରୁ ଡାକ୍ତର ଏସ୍‌ସିବି ମେଡିକାଲ୍‌କୁ ସ୍ଥାନାନ୍ତର କରିଥିଲେ । ସ୍ୱାସ୍ଥ୍ୟଗତ କାରଣରୁ ଏଠାରେ ଡାକ୍ତର ମେଡିସିନ୍ ଆଇସିୟୁରେ ଭର୍ତ୍ତି କରିଥିଲେ । ଗତ ୪ ତାରିଖରୁ ମୋ ବାପାଙ୍କ ସହ ଅନ୍ୟ ରୋଗୀମାନେ ଆଇସିୟୁରେ ଅବହେଳାରେ ସମ୍ମୁଖୀନ ହୋଇ ଆସୁଥିବା ମୁଁ ଦେଖିଆସୁଥିଲି । ଏ ସମ୍ପର୍କରେ ଆଇସିୟୁ ଡାକ୍ତର ଓ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ କେହି କିଛି ପଦକ୍ଷେପ ନେଉନଥିଲେ । ଓଲଟି କର୍ମଚାରୀ ମୋତେ ନାଲିଆଖି ଦେଖାଇଥିଲେ । ଗତ ରବିବାର ରାତିରେ ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଜାଣିବା ପାଇଁ ଆଇସିୟୁ ଭିତରକୁ ଯିବା ପରେ ତାଙ୍କ ଶୋଚନୀୟ ଅବସ୍ଥା ଦେଖି ମୋବାଇଲ୍‌ରେ ଭିଡିଓ ରେକର୍ଡ କରିଥିଲି । ଭିଡିଓ ରେକର୍ଡ ପାଇଁ କର୍ମଚାରୀମାନେ ପରୋକ୍ଷରେ ମୋତେ ଚେତାବନୀ ଦେଇଥିଲେ ବୋଲି ମହେଶ ଅଭିଯୋଗ କରିଛନ୍ତି।

## ୧୬ରେ ବସିବ ସର୍ବଦଳୀୟ ବୈଠକ

**ଭୁବନେଶ୍ୱର, ୧୧/୨ ନ୍ୟୁଜ ବ୍ୟୁରୋ**

ଫେବୃଆରୀ ୧୭ରୁ ବିଧାନସଭା ବଜେଟ୍ ଅଧିବେଶନ । ଆସନ୍ତା ୧୬ ତାରିଖରେ ବସିବ ସର୍ବଦଳୀୟ ବୈଠକ । ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ । ଆଗାମୀ ବଜେଟ୍ ଅଧିବେଶନ ପାଇଁ ବସିବ ବୈଠକ ।ସୂଚନା ଥାଉକି, ଫେବ୍ରୁଆରୀ ୧୭ରୁ ବିଧାନସଭାର ବଜେଟ୍ ଅଧିବେଶନ । ଫେବ୍ରୁଆରୀ ୨୦ରେ ଆସିବ ରାଜ୍ୟ ବଜେଟ୍। ବଜେଟ୍ ଅଧିବେଶନରେ ରହିଛି ୨୯ଟି କାର୍ଯ୍ୟ ଦିବସ। ଫେବ୍ରୁଆରୀ ୧୭ରୁ ୨୪ ପର୍ଯ୍ୟନ୍ତ ଚାଲିବ ପ୍ରଥମ ପର୍ଯ୍ୟାୟ ଅଧିବେଶନ । ମାର୍ଚ୍ଚ ୯ରୁ ଏପ୍ରିଲ୍ ୮ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ । ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ଆସନ୍ତା ଆର୍ଥିକବର୍ଷ ଲାଗି ସାଧାରଣ ବଜେଟ ଉପସ୍ଥାପନ କରିବେ। ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ମାର୍ଚ୍ଚରେ ହେବ। ଉଭୟ ପର୍ଯ୍ୟାୟରେ ପ୍ରାୟ ୩୦ଦିନ କାର୍ଯ୍ୟ ଦିବସ ଚାଲିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି କରାଯାଇଛି।

### କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କୁ ଭେଟିଲେ କୃଷ୍ଣ ଚନ୍ଦ୍ର ପାତ୍ର

## ସାଇନ୍ସ ସିଟି ପ୍ରତିଷ୍ଠା ପାଇଁ ଲୋଡ଼ିଲେ ସହଯୋଗ

**ଭୁବନେଶ୍ୱର ୧୧/୨ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବୈଜ୍ଞାନିକ ଭିତ୍ତିଭୂମି ଓ ନବସୃଜନର ସୁଦୃଢ଼ୀକରଣ ପାଇଁ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହଙ୍କୁ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ନୂଆଦିଲ୍ଲୀରେ ସାକ୍ଷାତ କରିଛନ୍ତି । ଓଡ଼ିଶାରେ ଆଞ୍ଚଳିକ ବୈଜ୍ଞାନିକ ଲକ୍ଷ୍ୟ ହାସଲ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ର ଅଭିବୃଦ୍ଧି ପାଇଁ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି ।



ଭୁବନେଶ୍ୱରରେ ଏକ ବିଶ୍ୱସ୍ତରୀୟ ସାଇନ୍ସ ସିଟି ପ୍ରତିଷ୍ଠା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର କେନ୍ଦ୍ରୀୟ ସହାୟତା ଲୋଡ଼ିଛନ୍ତି। ଭୁବନେଶ୍ୱର ଉପକଣ୍ଠରେ ଏହି ସାଇନ୍ସ ସିଟି ପ୍ରତିଷ୍ଠା ପାଇଁ ୧୦୦ ଏକର ଜମି ଚିହ୍ନଟ କରାଯାଇଛି । ଏହା ଦ୍ୱାରା ଅତ୍ୟାଧୁନିକ ବିଜ୍ଞାନଭିତ୍ତିକ ପ୍ରଦର୍ଶନୀ ଓ ଶିକ୍ଷା ପାଇଁ ଏହି କେନ୍ଦ୍ର ଯୁବପିଢ଼ିଙ୍କୁ ପ୍ରେରଣା ଦେବାର ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କୃଷ୍ଣ ଚନ୍ଦ୍ର କହିଥିଲେ। ରାଜ୍ୟରେ ଷ୍ଟାର୍ଟ ଅପ୍ ଓ ଗବେଷଣାକୁ ପ୍ରୋତ୍ସାହନ ଦେବା ନେଇ ମଧ୍ୟ ଆଲୋଚନା ହୋଇଥିଲା । ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର ଓ ବୁର୍ଲାସ୍ଥିତ ଭିସୁଟ୍‌ରେ ଉପଲବ୍ଧ ଗବେଷଣା ଓ ପ୍ରୟୋଗଶାଳାର ବୈଷୟିକ ବିଶେଷଜ୍ଞତାକୁ ଉପଯୋଗ କରି ଉପଗ୍ରହ ତଥ୍ୟ ପ୍ରୟୋଗ ଓ ଏହାର ଅଗ୍ରଗତି ଉପରେ ଗବେଷଣାମୂଳକ ପଦକ୍ଷେପ ଗ୍ରହଣ କରାଯିବା ଉପରେ ମଧ୍ୟ ଆଲୋଚନା କରିଥିଲେ। ଜାତୀୟ ଜୈବ ଇ-ଥ୍ରୀ ନୀତି ସହ ସମନ୍ୱୟ ରକ୍ଷାକରି ଓଡ଼ିଶାରେ ଜୈବ ଇ-ସେଲ୍‌ର ପ୍ରଚଳନ କରାଯିବା ପ୍ରସଙ୍ଗ ବୈଠକରେ ସ୍ଥାନ ପାଇଥିଲା । ଏହି କେନ୍ଦ୍ରଗୁଡ଼ିକ ଉଚ୍ଚକ୍ଷମତାସଂପନ୍ନ ଜୈବ ଉପାଦାନ, ପରିବେଶ ଅନୁକୂଳ ପ୍ରଯୁକ୍ତି ବିଦ୍ୟାକୁ ପ୍ରୋତ୍ସାହନ ଓ ଗବେଷଣା ଉପରେ ବିଶେଷ ଦୃଷ୍ଟି ଦେବ । ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଏହି ଉତ୍ତମ ସମନ୍ୱୟ ଦ୍ୱାରା ଓଡ଼ିଶାକୁ ଭାରତରେ ଏକ ଅଗ୍ରଣୀ ବୈଜ୍ଞାନିକ ଓ ଶିଳ୍ପ କେନ୍ଦ୍ରରେ ପରିଣତ କରିବା ନିମନ୍ତେ ସହଯୋଗ ମିଳିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଆଶାବ୍ୟକ୍ତ କରିଥିଲେ । ମନ୍ତ୍ରୀ ଡ. ସିଂହ ମଧ୍ୟ ବିକଶିତ ଭାରତ ଲକ୍ଷ୍ୟ ପୂରଣରେ ଓଡ଼ିଶାର ଅବଦାନକୁ ପ୍ରଶଂସା କରିବା ସହ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

### ଏସସି-ଏସଟି ସଂରକ୍ଷଣରେ କ୍ରିମି ଲେୟାର ପ୍ରସଙ୍ଗ

# କେନ୍ଦ୍ର ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୧|୦୨**

ଅନୁସୂଚୀତ ଜାତି ଏବଂ ଜନଜାତିଙ୍କୁ ସଂରକ୍ଷଣ ପ୍ରସଙ୍ଗରେ ସୁପ୍ରିମ ରାୟ । ଏସସି-ଏସଟିଙ୍କୁ ପ୍ରଦାନ କରାଯାଉଥିବା ସଂରକ୍ଷଣ ବ୍ୟବସ୍ଥାକୁ ନେଇ ସୁପ୍ରିମକୋର୍ଟ ବଡ ପଦକ୍ଷେପ ନେଇଛନ୍ତି । ପୂର୍ବରୁ ବସିଥିବା ସାମ୍ବିଧାନିକ ବେଞ୍ଚର ନିଷ୍ପତ୍ତିରେ କେନ୍ଦ୍ର ସରକାର କଣ ପଦକ୍ଷେପ ନେଇଛନ୍ତି ସେନେଇ କୋର୍ଟ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ମାଗିଛନ୍ତି । ବେଞ୍ଚ ପୂର୍ବରୁ ଏସସି-ଏସଟି ସଂରକ୍ଷଣ ଭିତରେ ସଂରକ୍ଷଣ ଦେବାକୁ ମଞ୍ଜୁରି ଦେଇଥିଲେ । ଏହାସହ ସଂରକ୍ଷଣ ବ୍ୟବସ୍ଥାରେ କ୍ରିମି ଲେୟାର ବ୍ୟବସ୍ଥା ଲାଗୁ ପାଇଁ ମଧ୍ୟ ଜୋର୍ ଦେଇଥିଲେ ।

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟା ବାଗଚି ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ବେଞ୍ଚରେ ଏସସି-ଏସଟି ସଂରକ୍ଷଣ ବ୍ୟବସ୍ଥା ନେଇ ଶୁଣାଣି ହୋଇଥିଲା । ଏଥିରେ ଏସସି-ଏସଟି ସଂରକ୍ଷଣ ଭିତରେ



ସଂରକ୍ଷଣ ପ୍ରଦାନ ନେଇ ମାପଦଣ୍ଡ ନିର୍ଦ୍ଧାରଣ କରିବାକୁ ଆବେଦନ କରାଯାଇଥିଲା । ଯାହାର ଶୁଣାଣି କରି କୋର୍ଟ କେନ୍ଦ୍ରକୁ ରିପୋର୍ଟ ମାଗିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ୨୦୨୪ ଅଗଷ୍ଟ ୧ ତାରିଖରେ ଏସସି-ଏସଟି ସଂରକ୍ଷଣ ବ୍ୟବସ୍ଥାକୁ ନେଇ ବଡ ରାୟ ଶୁଣାଇଥିଲେ । ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ, ଜଷ୍ଟିସ ବି. ଆର୍ ଗଭାଇ, ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ବେଲା ଏମ୍ ତ୍ରିବେଦୀ, ଜଷ୍ଟିସ ପଙ୍କଜ ମିଥଲ, ଜଷ୍ଟିସ ମନୋଜ ମିଶ୍ର ଏବଂ ଜଷ୍ଟିସ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ସଂରକ୍ଷଣ ମଧ୍ୟରେ ସଂରକ୍ଷଣ ବା ସଂରକ୍ଷଣର ଶ୍ରେଣୀ ବଣ୍ଟନର ଅଧିକାର ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ । ଏସସି-ଏସଟି ବ୍ୟକ୍ତିଙ୍କ ମଧ୍ୟରେ ସମାନ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବାକୁ କୋର୍ଟ ଲଗାତର ଭାବେ ଉଦ୍ୟମ କରୁଛନ୍ତି । ତେଣୁ ସଂରକ୍ଷଣ ମଧ୍ୟରେ ସଂରକ୍ଷଣ ଦେବାକୁ କୋର୍ଟ ଅନୁମତି ପ୍ରଦାନ କରିଥିଲେ । ଅର୍ଥାତ ସବ୍ କ୍ୟାଟେଗୋରୀ ବ୍ୟବସ୍ଥା ଲାଗୁ ପାଇଁ କୋର୍ଟ ଜୋର୍ ଦେଇଥିଲେ । ଯାହା ଫଳରେ ଯେଉଁ ଏସସି-ଏସଟି ମାନେ ଅନ୍ୟ ସ୍ୱଚ୍ଛଳ ବର୍ଗର ଏସସି-ଏସଟିଙ୍କ ପାଇଁ ସେମାନଙ୍କ ଅଧିକାର ପାଉ ନାହାଁନ୍ତି ତାହାର ସମାଧାନର ରାସ୍ତା ବାହାରିପାରିବ । ଅର୍ଥାତ କ୍ରିମି ଲେୟାର ଲାଗୁ ଉପରେ ଅଦାଲତ ଗୁରୁତ୍ୱାରୋପ କରିଥିଲେ । ଏସସି-ଏସଟି ବର୍ଗରେ କ୍ରିମି ଲେୟାର ଲାଗୁ ପାଇଁ ଓପି ଶୁକ୍ଲା ଏବଂ ସମତା ଆନ୍ଦୋଳନ ସମିତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏନେଇ ଆବେଦନ ମଧ୍ୟ କରିଥିଲେ । କୋର୍ଟ ଏନେଇ କେନ୍ଦ୍ର ଏବଂ ରାଜ୍ୟଙ୍କୁ ନିୟମ ତଥା ମାପଦଣ୍ଡ ପ୍ରସ୍ତୁତ ପାଇଁ କହିଥିଲେ । ଏହାସହ ଏସସି-ଏସଟି ବର୍ଗର କେଉଁ ବିଶେଷ ଜାତିର ବ୍ୟକ୍ତି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଚାକିରିରେ ସଠିକ ପ୍ରତିନିଧିତ୍ୱ କରିପାରୁ ନାହାଁନ୍ତି ସେନେଇ ତଥ୍ୟ ହାସଲ କରିବାକୁ ଆବେଦନକାରୀ କୋର୍ଟଙ୍କୁ ଅନୁରୋଧ କରିଥିଲେ । ଏବେ କୋର୍ଟ ଏପ୍ରସଙ୍ଗରେ କେନ୍ଦ୍ରକୁ ନୋଟିସ କରିବା ସହ ଶୁଣାଣିକୁ କିଛି ସମୟ ପାଇଁ ଟାଳି ଦେଇଛନ୍ତି ।

## ନୀଳାଦ୍ରି ବିହାର ହତ୍ୟାକାଣ୍ଡ ଘଟଣାରେ ସିନ୍ ରିକ୍ରିଏସନ୍

**ଭୁବନେଶ୍ୱର, ୧୧ ନ୍ୟୁଜ ବ୍ୟୁରୋ**

ନୀଳାଦ୍ରି ବିହାରରେ ସତ୍ୟବ୍ରତ ପ୍ରଧାନଙ୍କ ହତ୍ୟାକାଣ୍ଡ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଦିନେଶ ନାୟକଙ୍କୁ କମିଶନରେଟ ପୋଲିସ କଡା ସୁରକ୍ଷା ବଳୟରେ ଜଗତସିଂହପୁରରୁ ଭୁବନେଶ୍ୱରକୁ ଆଣିଛି। ତାଙ୍କୁ ଚନ୍ଦ୍ରଶେଖରପୁର ଥାନାରେ ଅଟକ ରଖି ରାତିଭରି ପଚରାଉଚରା କରାଯାଇଛି।

ସୂଚନାନୁସାରେ, ଗତକାଲି ଦିନେଶ ଜଗତସିଂହପୁର ସଦର ଥାନାରେ ଆତ୍ମସମର୍ପଣ କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱରକୁ ଆଣି ପୋଲିସ ପ୍ରଥମେ ଏକାକୀ ଜେରା କରିଥିଲା। ପରବର୍ତ୍ତୀକାଳରେ ତାଙ୍କ ପ୍ରେମିକା ଲିଜାଙ୍କ ସହ ମୁହାଁମୁହିଁ ବସାଇ ମଧ୍ୟ ପଚରାଉଚରା କରାଯାଇଥିବା ଜଣାପଡ଼ିଛି ।ଭୁବନେଶ୍ୱର ନିଳାଦ୍ରୀବିହାରରେ କାର୍ ଡ୍ରାଇଭର୍ ସତ୍ୟବ୍ରତ ପ୍ରଧାନ ହତ୍ୟା ମାମଲାର ମହାଖୁଲାସା କରିଛନ୍ତି ଜୋନ୍-୬ ଏସିପି ସୋନାଲି ସିଂ ପରମାର। ସେ କହିଛନ୍ତି, ଲିଜାଙ୍କ ପ୍ରଥମ ପ୍ରେମିକ ଦୀନବନ୍ଧୁ ନାୟକ ଓରଫ୍ ଦିନେଶ ହିଁ ମାରିଛି ସତ୍ୟବ୍ରତଙ୍କୁ। ଯାହାର ଘର ଜଗତସିଂହପୁର ଜିଲ୍ଲା ଅରିଲୋରେ।